

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୫ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 SEPTEMBER 2020

Vol.No. 30 ■ No. 234 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ୨୯ରୁ ବିଧାନସଭା ଅଧିବେଶନ



ଭୁବନେଶ୍ୱର,୧୪।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୯ ତାରିଖରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ ।ଏହା ଅକ୍ଟୋବର ୭ ପର୍ଯ୍ୟନ୍ତ ଚାଲିବ। ୧୬ତମ ବିଧାନସଭାର ୪ର୍ଥ ଅଧିବେଶନରେ ମୋଟ ୮ଟି କାର୍ଯ୍ୟ ଦିବସ ରହିବ। ଏଥିରେ ୭ଟି ସରକାରୀ ଦିବସ ଗୋଟିଏ ବେସରକାରୀ ଦିବସ। ଅକ୍ଟୋବର ୨ ଗାନ୍ଧି ଜୟନ୍ତି ପାଇଁ ବିଧାନସଭା ବନ୍ଦ ରହିବ। ତେବେ ଅକ୍ଟୋବର ୪ ତାରିଖ ରବିବାର ହେଲେ ମଧ ବିଧାନସଭାର ଅଧିବେଶନ ଚାଲିବ। ସୋମବାର ଦିନ ବିଧାନସଭା ସଚିବାଳୟ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଛି। ପରମ୍ପରା ଅନୁସାରେ ବିଧାନସଭା ଅଧିବେଶନର ପ୍ରଥମ ଦିନ ଅର୍ଥାତ ୨୯ ତାରିଖରେ ଶୋକ ପ୍ରସ୍ତାବ ଆଗତ ହେବ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ , ତିର୍ତୋଲ ବିଧାୟକ ବିଷ୍ଣୁ ଦାସ, ବାଲେଶ୍ୱର ବିଧାୟକ ମଦନ ମୋହନ ଦତ, ପୂର୍ବତନ ବିଧାୟକ ଅଭିମନ୍ୟୁ କୁଁଅର, ନେଲସନ୍ ସୋରେଙ୍ଗେ, ରବୀନ୍ଦ୍ରନାଥ ଭୋଇ, ସହରାଇ ଓରାମ୍, ସନାତନ ବିଶି, ହରପ୍ରସାଦ ମହାପାତ୍ର, ଅର୍ଜୁନ୍ ସେଠୀ, ଚିନ୍ତାମଣି ଜେନା, ରାମମୂର୍ତି ମୁତିକାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହେବ। କରୋନା କଟକଣା ପାଇଁ ଏଥର ଅଣତାରକା ତଥା ଲିଖିତ ପ୍ରଶ୍ନର ଉତର ବିଭାଗୀୟ ମନ୍ତ୍ରୀ ମାନେ ଉପସ୍ଥାପନ କରିବେ। ଶନିବାର ଓ ରବିବାର ମଧ୍ୟ ବିଧାନସଭା ଚାଲିବ। ପ୍ରଶ୍ନକାଳ ଓ ଶୂନ୍ୟକାଳ ହେବା ବା ନହେବା ନେଇ ସର୍ବଦଳୀୟ ବୈଠକରେ ନିଷ୍ପତି ନିଆଯିବ। ଚଳିତ ଥର ବିଧାନସଭାକୁ ଦର୍ଶକମାନେ ଯାଇ ପାରିବେ ନାହିଁ। ସାମାଜିକ ଦୂରତା ମାନି ଦର୍ଶକ ଗ୍ୟାଲେରୀରେ ବିଧାୟକ ମାନେ ବସିବେ। ଅଧିବେଶନ ପୂର୍ବରୁ ସଦସ୍ୟ, ବିଧାନସଭା କର୍ମଚାରୀ ଓ ବିଭାଗୀୟ କର୍ମଚାରୀ , ପୋଲିସ୍ ସୁରକ୍ଷା କର୍ମୀଙ୍କର କରୋନା ପରୀକ୍ଷଣ କରାଯିବ। ବିଧାନସଭା କାଳ ମଧ୍ୟରେ ୧୨ ଟି ଅର୍ଡିନାନ୍ସ ବା ଅଧ୍ୟାଦେଶ ଆସିବ। ଏହାମଧ୍ୟରେ ଏପିଡିମିକ୍ ଡିଜିଜ୍ - ୨୦୨୦, ଓଡିଶା କଂଟିଜେନ୍ସି ଫଣ୍ଡ, ଜିଏସ୍ଟି, ଏଗ୍ରିକଲଚାର ପ୍ରଡ୍ୟୁସ୍ ଆଣ୍ଡ ଲାଇଫ୍ ଷ୍ଟକ୍ କଂଟ୍ରାକ୍ଟ ଫାର୍ମିଂ ଆଣ୍ଡ ସର୍ଭିସେସ୍ (ପ୍ରମୋସନ୍ ଆଣ୍ଡ ଫାସିଲେସନ୍) , କୋର୍ଟ ଫି - ୨୦୨୦, ଇଣ୍ଡଷ୍ଟ୍ରିୟାଲ ଡିସପୁଟ୍ , ଓଡିଶା ଆଡଭୋକେଟ୍ ଓ୍ୱେଲଫେୟାର ଫଣ୍ଡ, ଓଡିଶା ମ୍ୟୁନିସିପାଲ ଲ' ରହିଛି।

## ହରିବଂଶ ରାଜ୍ୟସଭାର ଉପ ସଭାପତି ନିର୍ବାଚିତ



ନୂଆଦିଲ୍ଲୀ,୧୪।୯ (ନି.ପ୍ର): ଜନତା ଦଳ (ୟୁନାଇଟେଡ)ର ସାଂସଦ ହରିବଂଶ ନାରାୟଣ ସିଂହ ସୋମବାର ଦିନ ରାଜ୍ୟସଭାର ଉପ ବାଚସ୍ପତି ଭାବେ ପୁଣି ଥରେ ନିର୍ବାଚିତ ହୋଇଛନ୍ତି । ଏ ସମ୍ପର୍କରେ ଆସିଥିବା ପ୍ରସ୍ତାବକୁ ଧ୍ୱନୀ ମତରେ ପାରିତ କରା ଯିବା ପରେ ରାଜ୍ୟସଭାର ସଭାପତି ଏମ ଭେଙ୍କେୟା ନାଇଡୁ ଏହି ଘୋଷଣା କରିଛନ୍ତି । ବିରୋଧୀ ମାନଙ୍କ ପକ୍ଷରୁ ଆରଜେଡି ସଭ୍ୟ ମନୋଜ ଝାଙ୍କୁ

▶▶ପୃଷ୍ଠା ୭

## ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୪।୯ (ନି.ପ୍ର): ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କରୋନାର ଲକ୍ଷଣ ଦେଖାଦେବାରୁ ପରୀକ୍ଷା କରାଇଥିଲି । ରିପୋର୍ଟ ପଜିଟିଭ ଆସିଛି । ମୁଁ ସୁସ୍ଥ ଅଛି । ଡାକ୍ତରଙ୍କ ପରାମର୍ଶ କ୍ରମେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛି । କିଛି ଦିନ ଭିତରେ ଯେଉଁମାନେ ମୋ ସଂସ୍ପର୍ଶରେ ଆସିଛନ୍ତି ସେମାନେ ସଂଗରୋଧରେ ରହିବା ସହ ପରୀକ୍ଷା କରାଇନେବାକୁ ଅନୁରୋଧ ।

## ଓ୍ୱେଲ୍ ମାର୍କ ରୂପ ନେଲା ଲଘୁଚାପ : ୪ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ



ଭୁବନେଶ୍ୱର,୧୪।୯ (ନି.ପ୍ର): କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ତତ୍ ସଂଲଗ୍ନ ଉତର ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ବର୍ତମାନ ଏକ 'ଓ୍ୱେଲ ମାର୍କଡ୍ ଲୋ ପ୍ରେସର ଏରିଆ'ରେ ପରିଣତ ହୋଇଛି। ଏହା କ୍ରମଶଃ ଏକ ଘୂର୍ଣ୍ଣିବଳୟରେ ରୂପାନ୍ତରିତ ହୋଇ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକ ସମେତ ଉତର ଉପକୂଳ ଓଡ଼ିଶାର ଜିଲ୍ଲାମାନଙ୍କର କିଛି ସ୍ଥାନରେ ଏବଂ ଉତର ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି। ଏଥିସହ ଆସନ୍ତା ୨୪ ଘଂଟା ମଧ୍ୟରେ ମାଲକାନଗିରି, କୋରାପୁଟ, କଳାହାଣ୍ଡି, ରାୟଗଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ଛଡା ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ ଏହିଭଳି ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ ବୋଲି ଜାରି ସତର୍କ ସୂଚନାରେ କହିଛି ପାଣିପାଗ ବିଭାଗ।

## ଆଜିଠୁ ଆରମ୍ଭ ହେଲା ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା

ଭୁବନେଶ୍ୱର,୧୪।୯ (ନି.ପ୍ର): ଆଜି ଠାରୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଓ ଓପନ୍ ସ୍କୁଲ ସପପ୍ଲିମେଂଟାରୀ ପରୀକ୍ଷା ଆରମ୍ଭ ହୋଇଛି । ୨୨,୬୪୯ ଛାତ୍ରଛାତ୍ରୀ ମାଟ୍ରିକ୍ ସପ୍ଲିମେଂଟାରୀ ଏବଂ ୧୨,୯୩୯ ଛାତ୍ରଛାତ୍ରୀ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପରୀକ୍ଷା ଦେଉଛନ୍ତି । ଏହିପରି ମୋଟ ୨୪୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୫,୫୮୮ ଛାତ୍ରଛାତ୍ରୀ ସପ୍ଲିମେଂଟାରୀ ପରୀକ୍ଷା ଦେଉଛନ୍ତି । ଆଜି ଠାରୁ ଆରମ୍ଭ ହୋଇଥିବା ଉଭୟ ପରୀକ୍ଷା ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସପ୍ଲିମେଂଟାରୀ ପାଇଁ ୧୫୩ ଟି ପରୀକ୍ଷା କେନ୍ଦ୍ର ଓ ୧୩ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବା ବେଳେ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପାଇଁ ୮୮ ଟି ପରୀକ୍ଷା କେନ୍ଦ୍ର ଓ ୭ ଟି ମୂଲ୍ୟାୟନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଂଟ ମାନଙ୍କୁ କୋଭିଡ୍ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବାଘ ଓ ହାତୀ ପ୍ରକଳ୍ପରେ ଓଡିଶାକୁ ମିଳିଛି ୩୬ କୋଟି

### ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୯ (ନି.ପ୍ର): ବାଘ ଏବଂ ହାତୀଙ୍କ ଭଳି ବିଲୁପ୍ତ ପ୍ରଜାତିର ପ୍ରାଣୀଙ୍କ ପୁନଃଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନିରନ୍ତର ଉଦ୍ୟମ କରୁଛନ୍ତି । ଓଡିଶାରେ ଏହି ପ୍ରଜାତିର ପ୍ରାଣୀଙ୍କ ସଂରକ୍ଷଣ ପାଇଁ ଓଡିଶାକୁ ୨୦୧୯-୨୧ ବର୍ଷ ମଧ୍ୟରେ ଭାରତ ସରକାର ବାଘ ଓ ହାତୀ ପ୍ରକଳ୍ପରେ ୩୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଆର୍ଥିକ ସହାୟତା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ବର୍ଷ ୨୦୧୯-୨୧ ମଧ୍ୟରେ ବାଘ ପ୍ରକଳ୍ପ ଅଧୀନରେ ଓଡ଼ିଶାକୁ ୨୬.୮୭ କୋଟିରୁ ଉର୍ଦ୍ଧ୍ୱ କୋଟି ଟଙ୍କା ମିଳିଛି। ତନ୍ମଧ୍ୟରୁ ସାତକୋଶିଆ ଏବଂ ଶିମିଳିପାଳ ବାଘ ଅଭୟାରଣ୍ୟ ପାଇଁ ଯଥାକ୍ରମେ ୧୧.୧୯ କୋଟି ଓ ୧୫.୬୮ କୋଟି ଦିଆଯାଇଛି। ମୋଦି ସରକାରଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ବାଘକୁ ନିଜ ପ୍ରାକୃତିକ ବାସସ୍ଥାନରେ ରହିବା ପାଇଁ ନିଶ୍ଚିତ କରିଛି। ଏହି ପ୍ରୟାସରେ ଓଡ଼ିଶାକୁ ହାତୀ ପ୍ରକଳ୍ପ ଅଧୀନରେ ବର୍ଷ ୨୦୧୯-୨୧ ମଧ୍ୟରେ ଭାରତ ସରକାର ୯.୬୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି। ହାତୀଙ୍କ ସଂରକ୍ଷଣ ତଥା ସେମାନଙ୍କ ସୁରକ୍ଷା ଦିଗରେ ଓ ହାତୀ ବାସସ୍ଥାନ ଏବଂ ଆଖପାଖରେ ରହୁଥିବା ଲୋକଙ୍କ ସହନଶୀଳତା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବନ୍ୟଜନ୍ତୁ ସଂରକ୍ଷଣ ଏବଂ ସ୍ଥାୟୀ ପରିବେଶ ସୃଷ୍ଟି କରିବା ଦିଗରେ ନିରନ୍ତର ଉଦ୍ୟମ ଭାରତରେ ବାଘ ଏବଂ ହାତୀଙ୍କ ଭଳି ବିଲୁପ୍ତ ପ୍ରଜାତିର ପ୍ରାଣୀଙ୍କ ପୁନଃଉଦ୍ଧାର କରିବାରେ ସହାୟକ ହେବା ସହ 'ସବୁଜ ଅର୍ଥନୀତି' ପାଇଁ ମଧ ପଥପ୍ରଦର୍ଶକ ହୋଇଛି। ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ଜଙ୍ଗଲ ବୃଦ୍ଧି, ବୃକ୍ଷରୋପଣ ସହାୟତା ରାଶି, ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ, ସବୁଜ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରଚେଷ୍ଟା ପରିବେଶ ସହଯୋଗୀ ଇକୋ-ସିଷ୍ଟମ ସୃଷ୍ଟି କରିବାରେ ସାହାଯ୍ୟ କରିବା ସହ ଆମ ଯୁବପିଢ଼ି ଓ ଜନଜାତିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

## କରୋନାରେ ଖଣ୍ଡଗିରି ଥାନା ଏଏସଆଇ ମୃତ

ଭୁବନେଶ୍ୱର,୧୪।୯ (ନି.ପ୍ର): କରୋନା ଯୋଦ୍ଧା ତଥା ଭୁବନେଶ୍ୱର ଖଣ୍ଡଗିରି ଥାନାରେ ଏଏସଆଇ ଭାବେ କାର୍ଯ୍ୟ କରୁଥିବା ଶିଶିର କୁମାର ସେଠୀ କରୋନାରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଡିସିପିଙ୍କ ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ଟ୍ୱିଟ୍ ରେ କୁହାଯାଇଛି ଯେ ଗଭୀର ଦୁଃଖ ସହିତ ଆମେ ସୂଚନା ଦେଉଛୁ ଯେ ଖଣ୍ଡଗିରି ପୋଲିସ୍ ଷ୍ଟେସନ୍ ରେ କାର୍ଯ୍ୟ କରୁଥିବା ଏଏସଆଇ ଶିଶିର କୁମାର ସେଠୀ କୋଭିଡ -୧୯ ରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ଦକ୍ଷ ଅଧିକାରୀ ଥିଲେ ଏବଂ ଡ୍ୟୁଟି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଆମର ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ସହିତ ରହିଛି। ତାଙ୍କର ୩ ଟି ନାବାଳିକା ଝିଅ ରହିଛନ୍ତି।

## ଢେଙ୍କାନାଳ ବିଧାୟକ କରୋନା ପଜିଟିଭ୍

ଭୁବନେଶ୍ୱର,୧୪।୯ (ନି.ପ୍ର): ଢେଙ୍କାନାଳ ବିଧାୟକ ସୁଧୀର ସାମଲ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ନିଜେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ଏହାସହ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଟେଷ୍ଟ କରାଇ ନେବାକୁ ପରାମର୍ଶ ଦେଇଛନ୍ତି। ସେ ତାଙ୍କ ଟ୍ୱିଟ୍ ଆଜି ମୋର କୋଭିଡ୍ -୧୯ ପଜିଟିଭ୍ ଆସିଛି। ମୁଁ ସଙ୍ଗରୋଧରେ ଅଛି ଏବଂ ସମସ୍ତଙ୍କୁ ଅନୁରୋଧ କରୁଛି ମୋର ଏବଂ ମୋ ପିଏସଓଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ତାଙ୍କର କରୋନା ପରୀକ୍ଷା କରିନିଅନ୍ତୁ ଏବଂ ସଙ୍ଗରୋଧରେ ରୁହନ୍ତୁ।

## ଆଜି କ୍ୟାବିନେଟ୍

ଭୁବନେଶ୍ୱର,୧୪।୯ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ରାଜ୍ୟ କ୍ୟାବିନେଟ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ ଟାରେ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବ। ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ସୂଚନା ଦିଆଯାଇଯାଇ ନାହିଁ। ତେବେ ସେପ୍ଟେମ୍ବର ୨୯ ତାରିଖରେ ବିଧାନସଭା ବୈଠକ ଆରମ୍ଭ ହେବାକୁ ଥିବା ବେଳେ କିଛି ଚିଠା ବିଲ୍ କୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି।

## ଲୋକାୟୁକ୍ତରେ ହାଜର ହେଲେ ଆଇଏଏସ ହେମନ୍ତ ଶର୍ମା ଓ ଯାମିନୀ ଷଡ଼ଙ୍ଗୀ



ଭୁବନେଶ୍ୱର,୧୪।୯ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କରୋନା ମୁକାବିଲା ଲାଗି ପିପିଇ କିଟ୍ ଓ ମାସ୍କ କିଣା ଦୁର୍ନୀତି ମାମଲାରେ ବରିଷ୍ଠ ଆଇଏଏସ ହେମନ୍ତ କୁମାର ଶର୍ମା ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇଛନ୍ତି। ଆଇଏଏସ ହେମନ୍ତ ଶର୍ମା ତତ୍କାଳୀନ କ୍ରୟ କମିଟିର ଅଧକ୍ଷ ରହିଥିଲେ। ତାଙ୍କ ସହ ରାଜ୍ୟ ଔଷଧ ନିଗମ ଅଧକ୍ଷା ଯାମିନୀ ଷଡଙ୍ଗୀ ମଧ ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇଛନ୍ତି। ମାମଲାର ପରବର୍ତୀ ଶୁଣାଣି ଅକ୍ଟୋବର ୫ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ। ହାଜର ହେବା ପରେ ଶ୍ରୀ ଶର୍ମା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଯାହା କହିବା କଥା ସେ ଲୋକାୟୁକ୍ତଙ୍କୁ ଜଣାଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁନ ମାସରେ ପିପିଇ କିଟ୍ ଓ ମାସ୍କ କିଣାରେ ଦୁର୍ନୀତି ହୋଇଥିବାଅଭିଯୋଗ ଆଣିଥିଲା ରାଜ୍ୟ କଂଗ୍ରେସ ଓ ଓଡିଶା ବିକାଶ ପରିଷଦ। ଏହାପରେ କୋଭିଡ-୧୯ ପରଚେଜ୍ କମିଟିରୁ ହେମନ୍ତ ଶର୍ମାଙ୍କୁ ବାଦ୍ ଦିଆଯାଇଥିଲା।

## ବିଶିଷ୍ଟ ଶିଶୁ ସାହିତ୍ୟିକ ନଦିୟା ବିହାରୀ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର,୧୪।୯ (ନି.ପ୍ର): ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଆକାଶବାଣୀ କଟକ କେନ୍ଦ୍ରର ଲୋକପ୍ରିୟ ଶିଶୁ କାର୍ଯ୍ୟକ୍ରମ ଶିଶୁ ସଂସାରର ଉପସ୍ଥାପକ ନଦିୟା ବିହାରୀ ମହାନ୍ତିଙ୍କ ପରଲୋକ ହୋଇଯାଛି । ସେ ବଡ଼ଭାଇ ନାମରେ ସାରା ରାଜ୍ୟରେ ପରିଚିତ ଥିଲେ। କଟକରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁବେଳକୁ ଶ୍ରୀ ମହାନ୍ତିଙ୍କୁ ୯୦ ବର୍ଷ ହୋଇଥିଲା। ସେ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଛି। ଶିଶୁମାନଙ୍କ ପାଇଁ ସେ

▶▶ପୃଷ୍ଠା ୭

## ପଂଚଭୂତରେ ଲୀନ ହେଲେ ଅଭିନେତା ଅଜିତ ଦାସ



ଭୁବନେଶ୍ୱର,୧୪।୯ (ନି.ପ୍ର): ପଂଚଭୂତରେ ଲୀନ ହୋଇଛନ୍ତି ଖ୍ୟାତନାମା ଓଡ଼ିଆ ଚଳଚ୍ଚିତ୍ର ଓ ମଂଚ ଅଭିନେତା ତଥା ନିର୍ଦ୍ଦେଶକ ଅଜିତ ଦାସ। ସୋମବାର ଦିନ ଭୁବନେଶ୍ୱର ସ୍ଥିତ ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି। ଏହି ଅବସରରେ ତାଙ୍କୁ ଗାର୍ଡ ଅଫ ଅନର୍ ଦିଆଯାଇଥିଲା। ତାଙ୍କ ବଡ଼ ଝିଅ ମୁଖାଗ୍ନି ଦେଇଥିଲେ। କରୋନା ଆକ୍ରାନ୍ତ ହୋଇଥିବା ସ୍ୱର୍ଗତ ଦାସଙ୍କର ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ୧୯୪୯ ମସିହା ଜାନୁଆରି ୨୦ ତାରିଖ ଦିନ ସେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଠାରେ ଜନ୍ମ ଗ୍ରହଣ କରିଥିଲେ।'ନ୍ୟାସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମା'ରୁ ଅଭିନୟରେ ଡିପ୍ଲୋମା ହାସଲ କରିବା ପରେ ୧୯୭୬ ମସିହାରେ ପ୍ରଥମେ 'ସିନ୍ଦୂର ବିନ୍ଦୁ' ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିଲେ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୩୭ ହେଲା



ଭୁବନେଶ୍ୱର,୧୪।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୩୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ କଟକ ଜିଲ୍ଲାର ୪ ଜଣ, ଖୋର୍ଧା ଜିଲ୍ଲାର ୨ ଜଣ ତଥା ବଲାଙ୍ଗୀର ଜିଲ୍ଲାର ୨ ଜଣ ରହିଥିବା ବେଳେ କନ୍ଧମାଳ. ନୟାଗଡ ,ମୟୂରଭଂଜ ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୩୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବଲାଙ୍ଗୀର ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ।

▶▶ପୃଷ୍ଠା ୭

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,୧୪।୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି : ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,୧୪।୯ (ନି.ପ୍ର): ଆଜି ୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଲ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।

# ଗାନ୍ଧିଜୟନ୍ତୀରେ ସରକାରୀ ଅନୁଦାନ ଘୋଷଣା କରିବାକୁ ଓଡ଼ିଶା ଗ୍ରାମ ପଂଚାୟତ କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

ଭୁବନେଶ୍ୱର,୧୪।୯ (ନି.ପ୍ର): ଓଡ଼ିଶା ଗ୍ରାମ ପଂଚାୟତ କର୍ମଚାରୀ ସଂଘର ଅସ୍ଥାୟୀ କର୍ମଚାରୀ (ପିଅନ, ରାତ୍ର ଜଗୁଆଳ ଓ ଝାଡୁଦାର)ମାନଙ୍କର ଏକ ରାଜ୍ୟସ୍ତରୀୟ ବୈଠକ ପୁରୁଣା ଭୁବନେଶ୍ୱର ସ୍ଥିତ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୋଭିଡ୍-୧୯ ନିୟମ ସାମାଜିକ ଦୂରତ୍ୱକୁ ପାଳନ କରାଯାଇ କେବଳ ରାଜ୍ୟ ସଂଘର କେନ୍ଦ୍ରୀୟ କମିଟି ସଦସ୍ୟମାନଙ୍କୁ ନେଇ ଏହି ବୈଠକ ହୋଇଥିଲା । ବୈଠକରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ ଏବଂ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ, ସଂଯୋଜକ ଅରୁପାନନ୍ଦ ଡ଼ାକୁଆ, ସହ ସଂଯୋଜକ ରାକେଶ ନାୟକ, ସହ ସମ୍ପାଦକ ତାରେଣି ଭୂୟାଁ, ପ୍ରଦୀପ ନାୟକ, ପ୍ରଶାନ୍ତ ପାତ୍ରି, ତନ୍ମୟ ମଲ୍ଲ, ଈଶ୍ୱର ନାୟକ ଉପସ୍ଥିତ ରହି ରଜ୍ୟ ସରକାରଙ୍କ ପଂଚାୟତ ବିଭାଗରେ ପଡ଼ି ରହିଥିବା ସରକାରୀ ଅନୁଦାନ ପାଇବା ପାଇଁ କର୍ମଚାରୀଙ୍କ ଦାବି ଫାଇଲଟିକୁ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ନିମନ୍ତେ ଆଜିର ବୈଠକରେ ଆଲୋଚନା କରାଯାଇଛି । ପ୍ରକାଶଥାଉକି ଗତ ମାର୍ଚ୍ଚ ୩ ତାରିଖରେ ପଂଚାୟତିରାଜ ବିଭାଗ ମନ୍ତ୍ରୀ ସଂଘର କର୍ମକର୍ତାଙ୍କୁ ଧାରଣାସ୍ଥଳରୁ ଡ଼ାକି ଡ଼େଲିଗେଟରେ ସରକାରୀ ବାସଭବନରେ ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ କି ଯଥାଶୀଘ୍ର ସରକାରୀ ଅନୁଦାନ ରାଜକୋଷରୁ ପ୍ରଦାନ କରିବା ପାଇଁ । ମାତ୍ର ଏହା ମଧ୍ୟରେ ଛଅମାସ ବିତିଯାଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ । ତେଣୁ ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରିବାକୁ ସଂଘ ତରଫରୁ ନିବେଦନ କରାଯାଇଛି ।

## ନିଆଁରେ ପୋଡି ଯୁବକଙ୍କ ମୃତ୍ୟୁ

ନୂଆପଡା,୧୪।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଚନାବେଡା ଗ୍ରାମରେ ଜଣେ ଯୁବକ ନିଆଁରେ ପୋଡି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି । ସୂଚନାମତେ, ଚନାବେଡା ଗ୍ରାମର ମାଝିପଡାର ମନୋଜ ମାଝୀ ନାମକ ବିବାହିତ ଯୁବକ ମଦ୍ୟପାନ କରୁଥିବା କାରଣରୁ ତାଙ୍କ ସ୍ତ୍ରୀ ପିଲାଛୁଆଙ୍କୁ ଧରି ଗତ ୩ ମାସ ତଳେ ତାଙ୍କ ବାପା ଘରକୁ ଚାଲି ଯାଇଛନ୍ତି । ସେହି ଦିନରୁ ମନୋଜ ବାହାରେ ବୁଲାବୁଲି କରୁଥିଲେ । ହେଲେ ଗତକାଲି ମନୋଜ ମଦ୍ୟପାନ କରି ତାଙ୍କ ଘରର କବାଟ ଭାଙ୍ଗି ରାଗରେ ଖଟ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଡାପୋଡି କରିଥିଲେ । ଏହି ସମୟରେ ନିଆଁ ଲାଗି ମନୋଜ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଖବର ପାଇ ପୁଲିସ ସାଇଂଟିଫିକ ସହାୟତାରେ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁର କାରଣ ଜଣାପଡିନଥିବା ସୂଚନା

# କେନ୍ଦୁଝର ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କର ମୃତ୍ୟୁ

କେନ୍ଦୁଝର,୧୪।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା କାରାଗାର ରେ ଜଣେ ବିଚାରଧୀନ କଏଦୀଙ୍କର ମୃତ୍ୟୁ ହୋଇଛି । ମୃତକ କଏଦୀ ଜଣଙ୍କ ହେଲେ ତେଲକୋଇ ଥାନା ସାପଲାଞ୍ଜି ଗାଁ ର ବିଦ୍ୟାଧର ଜୁଆଙ୍ଗ । ଚଳିତ ସେପ୍ଟେମ୍ବର ମାସ ୭ ତାରିଖ ଦିନ ସେ ତାଙ୍କର ଜଣେ ସଂମ୍ପର୍କିୟ ଭାଇଙ୍କୁ ଏକ କୁରାଢିରେ ମରଣାତ୍ମକ ଆକ୍ରମଣ କରି ଗିରଫ ହୋଇ ଜେଲ ଆସିଥିଲେ । ଗତକାଲି ତଥା ଶନିବାର ସନ୍ଧ୍ୟା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଜେଲ ସୁପରିଟେଣ୍ଡେଡ ଛୁଟି ରେ ଥିବା କାରଣରୁ ଘଟଣା ସଂମ୍ପର୍କରେ ଜେଲ ର କହି ହେଲେ ଅଧିକାରୀ ମୁହଁ ଖୋଲୁନହାନ୍ତି । ଆଜି ରବିବାର ସକାଳେ ଜିଲ୍ଲା କାରାଗାର ପକ୍ଷରୁ ମୃତ ବିଦ୍ୟାଧର ଙ୍କର ସ୍ତ୍ରୀ ଓ ପୁଅ ଙ୍କୁ କେନ୍ଦୁଝର ଅଣାଯିବା ପରେ ପୋଲିସ ଓ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତ ରେ ଶବ ବ୍ୟବଛେଦ କରା ଯାଇ ମୃତ ଦେହ କୁ ତାଙ୍କ ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଛି । ପୋଷ୍ଟ ମୋର୍ଟମ ରିପୋଟ ଆସିବା ପରେ କିପରି ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାର ପ୍ରକୃତ କାରଣ ଜଣା ପଡିବ କୁହାଯାଇଛି ।

# ଆଦର୍ଶ ଶିକ୍ଷକ ଧନେଶ୍ୱର ଦାସଙ୍କ ଶ୍ରଦ୍ଧାଂଜଳି ସଭା

ଭଦ୍ରକ, ୧୩ ସେପ୍ଟେମ୍ବର (ହି.ସ.) - ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଧନେଶ୍ୱର ଦାସଙ୍କ ଏକାଦଶାହ ଉପଲକ୍ଷେ ସରସଦା ସ୍ଥିତ ଏକବୋଲା ଠାରେ ଏକ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପିତାମ୍ବର ନାୟକଙ୍କ ସଭାପତିତ୍ୱରେ ଓ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ସମାଜସେବୀ ସୁଧାକର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ଦାସ ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ, ଧର୍ମପରାୟଣା, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଶିକ୍ଷକ ନଟବର ରାଉଳ,ବିଜେପି ନେତା ବଦ୍ରି ନାରାୟଣ ଧଳ,କଂଗ୍ରେସ ନେତା ସୁବ୍ରତ ଦାସ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନର ନାରାୟଣ ଜେନା,ସରପଂଚ ରାମଚନ୍ଦ୍ର ସେନାପତି, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର,ନେତ୍ରୀ ବସୁମିତ୍ରା ସାହୁ,ହରିନନ୍ଦି,ବିକାଶ ସାମଲ, ସାମ୍ବାଦିକ ରବିନାରାୟଣ ଖିଲାର,ସନ୍ତୋଷ ଦାସ,ଶିକ୍ଷକ ହେମେନ୍ଦ୍ର ମହାନ୍ତି,ନିର୍ମଳ ଚନ୍ଦ୍ର କର,ରମାକାନ୍ତ ବେହେରା,ବ୍ଲକ ଉପାଧ୍ୟକ୍ଷା ସତ୍ୟବ୍ରତ ଦାସ,ଶରତ ଚନ୍ଦ୍ର ମହାପାତ୍ର,ପବନ କୁମାର ନାୟକ,ମୁରଲୀ ଧର ଦାସ,ନିରଞ୍ଜନ ପଲେଇ,ଗିରିଶ ଚନ୍ଦ୍ର ସାମଲ,ଗିରିଶ ଚନ୍ଦ୍ର ସାହୁ,ରବିନ୍ଦ୍ର ସାହୁ,ଅନିରୁଦ୍ଧ ଦାସ,ସୀତାକାନ୍ତ ଜେନା,ବିଜୟ ମହାନ୍ତି,ଅକ୍ଷୟ ସ୍ୱାଇଁ,ନରହରି ମହାନ୍ତି, ଅଶୋକ କୁମାର କବି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ । ପ୍ରଥମେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଣ୍ଡିତ ନୃସିଂହ ଚରଣ ପଣ୍ଡା ବେଦପାଠ କରିଥିଲେ । ଏହି ଅବସରରେ ସ୍ୱରାଜ ବାର୍ତ୍ତାର ମୁଖ୍ୟ ସଂପାଦକ ରବିନାରାୟଣ ଖିଲାରଙ୍କ ଦ୍ୱାରା ସମ୍ପାଦିତ ଧନେଶ୍ୱର ଦାସଙ୍କ ପାଇଁ ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା । ଶେଷରେ ବିନାୟକ ଦାସ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# କୁର୍ତମଗଡ଼ର ପୂର୍ବତନ ସରପଚଂ ଶିରିସ ମଲ୍ଲିକଙ୍କୁ ମାଓବାଦୀଙ୍କ ହତ୍ୟା ଧମକ : ହାତଲେଖା ପୋଷ୍ଟର ଓ ବ୍ୟାନରକୁ ଜବତ କଲା ପୋଲିସ

କନ୍ଧମାଳ, ୧୩ ସେପ୍ଟେମ୍ବର (ହି.ସ.)- କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତମଗଡ଼ ଅଂଚଳରେ ପୂର୍ବତନ ସରପଚଂ ଶିରିସ ମଲ୍ଲିକଙ୍କ ନାମରେ ଧମକପୂର୍ଣ୍ଣ ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ଲାଲ୍ କପଡ଼ାର ବ୍ୟାନର୍ ସମେତ ଛୋଟ ଛୋଟ ହାତଲେଖା ପୋଷ୍ଟର ମଧ ଲଗାଯାଇଛି । ଏହି ପୋଷ୍ଟର ମାଧମରେ ପୂର୍ବତନ ସରପଚଂ ଶିରିସଙ୍କୁ ହତ୍ୟା ଧମକ ଦିଆଯାଇଛି । ଶିରିସ ବଜରଙ୍ଗ ଦଳର ସଭାପତି ପ୍ରକାଶ ମାଝି ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଏଥିରେ ଦର୍ଶାଯାଇଛି । ଏଥି ସହିତ ୧୩ ସେପ୍ଟେମ୍ବର ଅର୍ଥାତ୍ ଆଜିର ଦିନକୁ ସହିଦ୍ ଦିବସ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦିଆଯାଇଛି । ସୂଚନାଯୋଗ୍ୟ, ପୂର୍ବତନ ସରପଚଂ ଶିରିସ ମଲ୍ଲିକ ତୁମୁଡ଼ିବନ୍ଧ ବ୍ଲକ୍ ଅଧକ୍ଷ ମଧ ଥିଲେ । ତେବେ କୃତମଗଡ଼ ଅଂଚଳରେ ମାଓବାଦୀଙ୍କ ଏଭଳି ବ୍ୟାନର ଓ ହାତର ଲେଖି ପୋଷ୍ଟର ଦେଖି ସାଧାରଣରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । ତେବେ ଏ ସମ୍ପର୍କରେ ସୂଚନା ପାଇ ତୁମୁଡ଼ିବନ୍ଧ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଏହି ପୋଷ୍ଟର ଓ ବ୍ୟାନରକୁ ଜବତ କରିବା ସହ ଏହାର ତଦନ୍ତ କରାଯାଉଥିବା ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ବାବା ଶଙ୍କର ଶରାଫ୍ ।

## ୭୫ ଲକ୍ଷ କରୋନା ଟେଷ୍ଟିଂଗ କରିବାର ପ୍ରଥମ ରାଜ୍ୟ ହେଲା ଉତର ପ୍ରଦେଶ

ଆଗାମୀ,୧୪।୯ (ନି.ପ୍ର): ଯାଏ ଏକ କୋଟି ଟେଷ୍ଟିଂ କରିବାକୁ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶ ଲଖନୌ, ୧୩ ସେପ୍ଟେମ୍ବର (ହି.ସ.) – ଏକ କୋଟି କରୋନା ଟେଷ୍ଟିଂ କରାଇଥିବା ପ୍ରଥମ ରାଜ୍ୟ ହୋଇଛି ଉତର ପ୍ରଦେଶ । କରୋନା ସଂକ୍ରମଣ ବଢୁଥିବା ବେଳେ ଆଜି ଉତର ପ୍ରଦେଶରେ କୋରନା ଟେଷ୍ଟିଂ ସଂଖ୍ୟା ବଢି ୭୫ ଲକ୍ଷ ହୋଇ ଯାଇଛି । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟରେ ଆଗାମୀ ୩୦ ସେପ୍ଟେମ୍ବର ସୁଦ୍ଧା ଏକ କୋଟି ଟେଷ୍ଟିଂ କରାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି ।

# କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କାର୍ଯ୍ୟାନୁଷ୍ଠାନ: ୮ ହଜାର ୧୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୪।୯ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୧୨ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୮ ହଜାର ୧୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୨୩୦୦ ଟଙ୍କା, ରାୟଗଡ଼ ଥାନା ୬୦୦ ଟଙ୍କା, ଗୁରାଣ୍ଡି ଥାନା ୧୪୦୦ ଟଙ୍କା, କାଶୀନଗର ଥାନା ୧୬୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା ଏବଂ ଅଡ଼ବା ଥାନା ପୋଲିସ ପକ୍ଷରୁ ଜୋରିମାନା ବାବଦକୁ ୧୨୦୦ ଟଙ୍କା ଆଦାୟ କରାଯାଇଛି ।

# ବର୍ଷୀୟାନ ଅଭିନେତା ଅଜିତ ଦାସଙ୍କ ପରଲୋକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୪।୯ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ତଥା ଲୋକପ୍ରିୟ ଅଭିନେତା ଅଜିତ ଦାସଙ୍କ ପରଲୋକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଜଣେ ନାଟ୍ୟକାର, ମଂଚ ଅଭିନେତା ଓ ନିର୍ଦ୍ଦେଶକ ଭାବେ ପରିଚିତ ସ୍ୱର୍ଗତ ଦାସ ବହୁ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ଓଡ଼ିଶାର ଜନମାନସରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି । ତାଙ୍କର ହୃଦୟସ୍ପର୍ଶୀ ଅଭିନୟ ଅତ୍ୟନ୍ତ ପ୍ରଭାବଶାଳୀ ଓ ସ୍ମରଣୀୟ ହୋଇ ରହିବ । ତାଙ୍କ ବିୟୋଗ ସମସ୍ତଙ୍କୁ ମର୍ମାହତ କରିଛି । ସ୍ୱର୍ଗତ ଦାସଙ୍କ ବିୟୋଗରେ ଓଡ଼ିଶା ସିନେ ଜଗତ ଜଣେ ଆଦରଣୀୟ ମୁରବୀଙ୍କୁ ହରାଇଲା ବୋଲି ପ୍ରକାଶ କରିବା ସହିତ ମନ୍ତ୍ରୀ ସ୍ୱର୍ଗତ ଆତ୍ମାର ସଦଗତି କାମନା ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

# କଣାସ ବନ୍ୟା ଅଂଚଳରେ ୩୫୦ ଅଙ୍ଗନବାଡି ଛାତ୍ରଛାତ୍ରୀଙ୍କୁ ସୁଖିଲା ଖାଦ୍ୟ ବଂଟନ

କଣାସ,୧୪।୯ (ନି.ପ୍ର): ବନ୍ୟା ପାଣି ଛାଡି ଯାଇଥିଲେ ସୁଦ୍ଧା ପୁରୀ ଜିଲ୍ଲା କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଚାଂୟତ ଓ ଗଡବଡପସ୍ୱଙ୍କ ଗ୍ରାମପଚାଂୟତର ଲୋକେ ଆଜି ବି ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ବନ୍ୟା ପ୍ରଭାବିତ ଏହି ଅଂଚଳବାସୀଙ୍କୁ ଆଜି ତିପୁରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ପକ୍ଷରୁ ଗଡମାଟିଆପଡା, ନୂଆସାହି, ଘରଛିଆ, ବେହେନ୍ତା, ବର୍ଗିପଡା, ପାଣ୍ଡିଆକେରା, ବାଙ୍କତଳ, ଶିମିଳିପାଟଣା ଏବଂ ଦୋକନ୍ଦା ଗ୍ରାମର ୩୫୦ ଜଣ ଅଙ୍ଗନବାଡି ଛାତ୍ରଛାତ୍ରୀମାନଙ୍କୁ ସୁଖିଲା ଖାଦ୍ୟ ପୁଡିଆ ବଂଟନ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ସଭାପତି ଧରଣୀଧର ସ୍ୱାଇଁ, ପ୍ରଧାନ ଶିକ୍ଷକ କରୁଣାକର ମହାପାତ୍ର, ବିଜୟ ସେନାପତି, ହର୍ଷମଣୀ ନାୟକ, ଅର୍ଜୁନ ପ୍ରଧାନ, ପ୍ରତିଭା ପରିଡା, ବିକ୍ରମକେଶରୀ ଛାଟୋଇ, ଅକ୍ଷୟ କୁମାର ଗଜେନ୍ଦ୍ର ଶତୃଘ୍ନ ନାୟକ, ବିଷ୍ଣୁପ୍ରିୟା ମହାପାତ୍ର, ରବିନ୍ଦ୍ର ସ୍ୱାଇଁ, ସଞ୍ଜିବୀ ପାହାନ୍ତାସିଂହ, ଶରତ ଚନ୍ଦ୍ର ନାୟକ, ଉର୍ବଶ୍ରୀ ନାୟକ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଖାଦ୍ୟପୁଡିଆ ବଂଟନ କରିଥିଲେ । ସେହିପରି ସ୍ୱେଚ୍ଛସେବୀ ସଂଗଠନ ସ୍ୱଚ୍ଛ ଭୁବନେଶ୍ୱର ଓ କଟକଶାଖା ଉଦ୍ୟମରେ ବିଶିଷ୍ଟ ଶିକ୍ଷାବିତ୍ ତଥା କଣାସ ଅଂଚଳର ସ୍ୱେଚ୍ଛାସେବୀ ଦେବଜାନୀ ଶ୍ରୀଚନ୍ଦନଙ୍କ ଉଦ୍ୟମରେ କଣାସ ବ୍ଲକରେ ଘାଇଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଗଡମାଟିଆପଡା, ନୂଆସାହି, ବାଙ୍କତଳ, ବର୍ଗିପଡା, ଘରଛିଆ ଓ ପାଣ୍ଡିଆକେରା ଗ୍ରାମରେ ସୁଖିଲା ଖାଦ୍ୟ ବଂଟନ କରିବା ସହିତ ପିଇବା ପାଣି ବଟେଲ୍, ବ୍ଲିଚିଙ୍ଗ୍, ସର୍ଫ ଓ ସାବୁନ୍ ବଂଟନ କରିଥିଲେ । ବିଭୂତିଭୂଷଣ ପାଇକରାୟ, ପୂର୍ବତନ ସରପଚଂ କସ୍ତୁରି ବଳିୟାରସିଂହ, ପବନା ଜେନା, ଦେବାଶିଷ ଶ୍ରୀଚନ୍ଦନ, ମିହିରି ଶ୍ରୀଚନ୍ଦନ ପ୍ରମୁଖ ଏହି ବଂଟନ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଭିକୁ ସେଠ୍ ଓ ଅଜିତ ଦାସଙ୍କ ବିୟୋଗରେ ଶୋକସଭା

ଭୁବନ,୧୪।୯ (ନି.ପ୍ର): ଓଡିଶାର ଦୁଇ ସ୍ୱନାମଧନ୍ୟ ଅଭିନେତା ମହେନ୍ଦ୍ର ଦାସ (ଭିକୁ ସେଠ୍) ଓ ଅଜିତ ଦାସ ଙ୍କ ଅକାଳ ବିୟୋଗରେ ଭୁବନ ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଶାସନ (ମଣିପୁର) ସ୍ଥିତ କୁମାରେଶ୍ୱର ନାଟ୍ୟାନୁଷ୍ଠାନ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶାନ୍ତନୁ ଦାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସଂପାଦକ ପ୍ରଶାନ୍ତ ଦ୍ୱିବେଦୀ, ନରୋତମ ପତି,ସୁବାସ ମିଶ୍ର,ବାସୁଦେବ ମିଶ୍ର,ପରମାନନ୍ଦ ମିଶ୍ର ଙ୍କ ସମେତ କର୍ମମର୍ତାଗଣ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ମାମନାର୍ଥେ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହ ଓଡିଶା ଯାତ୍ରା ଜଗତ ଓ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସ୍ମୃତିଚାରଣ କରି କହିଥିଲେ ।

# ଆଇନଜୀବୀ ଗୁରୁପ୍ରସାଦ ମହାନ୍ତିଙ୍କ ବିୟୋଗରେ ଓକିଲସଂଘ ଓ ତ୍ୟାଗଭୂମି ପକ୍ଷରୁ ଶୋକ

ଭଦ୍ରକ, ୧୪/୯ (ହି.ସ.) - ଆଇନ୍‌ଜୀବୀ ତଥା ସମାଜସେବୀ ଗୁରୁପ୍ରସାଦ ମହାନ୍ତିଙ୍କ ହଠାତ୍ ବିୟୋଗରେ ଭଦ୍ରକ ଓକିଲ ସଂଘ ଓ ତ୍ୟାଗଭୂମି ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ଭଦକ୍ର ଓକିଲସଂଘର ସଭାପତି ଦିଲ୍ଲୀପ୍ ମହାପାତ୍ର ତାଙ୍କର ଶୋକ ବାର୍ତ୍ତାରେ ସ୍ୱର୍ଗତ ମହାନ୍ତି ଜଣେ ଅତ୍ୟନ୍ତ ବନ୍ଧୁ ମେଳାପୀ ଓ ପରୋପକାରୀ ବ୍ୟକ୍ତିଥିଲେ । ଓକିଲ ସଂଘର ଜଣେ ବରିଷ୍ଠ ସଦସ୍ୟ ସହ ନୋଟାରୀ ପବ୍ଲିକ୍ ଭାବରେ ବିଭିନ୍ନ ବ୍ୟାଙ୍କରେ ଲିଗାଲ ଆଡ୍‌ଭାଇଜର ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ବିୟୋଗରେ ସଂଘ ଜଣେ ବରିଷ୍ଠ ସଦସ୍ୟଙ୍କୁ ହରାଇବା ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ ସୂର୍ଯ୍ୟକାନ୍ତ କୁଅଁର, ଉପସଭାପତି ଅରୁଣ ମିଶ୍ର, ସହ ସଂପାଦକ ହୃଷିକେଶ ବେହେରାଙ୍କ ସମେତ ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଅରୁଣ ଚାନ୍ଦ, ବସନ୍ତ ମହାନ୍ତି, ବସନ୍ତ ଦାସ, ଦିବ୍ୟସିଂ ନାୟକ, ରାଧା ଦାଶ, ଜ୍ୟୋତିକାନ୍ତ ନାୟକ, ନାରାୟଣ ଚନ୍ଦ୍ର ମହାପାତ୍ର,ବନମାଳୀ ଜେନା, ପ୍ରଦୀପ ଜେନା, ସୁକାନ୍ତ ଜେନା, କିଶୋର ବଳ, ସନ୍ତୋଷ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ସ୍ୱର୍ଗତ ମହାନ୍ତିଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ପ୍ରକାଶ କରିଥିଲେ । ଆସନ୍ତାକାଲି ଦିବ୍ୟଗତ ସ୍ୱର୍ଗତ ଶ୍ରୀ ମହାନ୍ତିଙ୍କ ବିୟୋଗରେ ସମସ୍ତ କୋର୍ଟ କାର୍ଯ୍ୟକୁ ବନ୍ଦ ରଖାଯିବାର ନିଷ୍ପତ୍ତି ନିଆଯାଇଛି । ଅନୁରୂପ ଭଦ୍ରକ ସହରର ଖ୍ୟାତନାମା ବ୍ୟବସାୟୀ, ସମାଜସେବୀ, ଆଇନଜୀବୀ ତଥା ଜଣେ ପରୋପକାରୀ ମଣିଷ ଭାବେ ବେଶ ଖ୍ୟାତିଲାଭ କରିଥିବା ବ୍ୟକ୍ତି ଗୁରୁ ମହାନ୍ତିଙ୍କର ଆଜି ପରଲୋକ ହୋଇଯାଇଛି । ତେବେ ତାଙ୍କ ମୃତ୍ୟୁ କରୋନା ଜନିତ ହୋଇଥିଲେ ମଧ ଏ ଯାଏ ସରକାରୀ ସ୍ତରରେ ତାହା ଘୋଷଣା ହୋଇନାହିଁ । ଭଦ୍ରକର ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ତ୍ୟାଗଭୂମି ସାଂସ୍କୃତି ସମ୍ମେଳନର ଜଣେ ଶୁଭେଚ୍ଛୁ ଥିବା ମହାନ୍ତି କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଯାଇଛି । ମାତ୍ର ୫୬ ବର୍ଷ ବୟସରେ ତାଙ୍କର ଅକାଳ ମୃତ୍ୟୁ ହୋଇଥିବାରୁ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ସୁଧାକର ରାଉତ ପ୍ରମୁଖ ଗଭୀର ଶୋକପ୍ରକଟ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମାତ୍ର ଅଳ୍ପ କେଇମାସ ତଳେ ତାଙ୍କର ଏକମାତ୍ର ପୁତ୍ରର ଦୁର୍ଘଟଣା ଜନିତ ମୃତ୍ୟୁ ଘଟିବା ପରେ ସେ ମାନସିକ ଆଘାତ ପାଇଥିଲେ ବି ସାମାଜିକ କର୍ମରେ ନିଜକୁ ନିୟୋଜିତ ରଖି ସ୍ୱାଭାବିକ ହେବାକୁ ପ୍ରୟାସ ଜାରି ରଖିଥିଲେ । ତେବେ ତାଙ୍କର ଏହି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ପ୍ରକାଶ ପାଇଛି ।

## ଭୁବନ ସିଏଚସିରେ ଆଜି ୧୭ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ,୧୪।୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ରବିବାର ଯୋଗୁ ମାତ୍ର ୧୭ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୯୭୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ(ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

# ବିକ୍ରମ ଦାସ ହତ୍ୟା ମାମଲାରେ ୨ ଅଭିଯୁକ୍ତ ଗିରଫ

ବାରିପଦା,୧୪।୯ (ନି.ପ୍ର): ବାରିପଦା ପୌରପରିଷଦର ଓ୍ୱାର୍ଡ଼ ନମ୍ବର ୨୦ ଶୁନଗଡ଼ିଆ ଅଂଚଳର ରଜନୀକାନ୍ତ ଦାସଙ୍କ ପୁଅ ବିକ୍ରମ ଦାସ(୩୭) ହତ୍ୟା ମାମଲାରେ ବାରିପଦା ଟାଉନ ଥାନା ପୁଲିସ ଆଜି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତିଙ୍କ ସୁତ୍ରରୁ ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଶୁନଗଡ଼ିଆର ବିକ୍ରମ ଦାସ କେ.ସି.ସାର୍କଲ ଅଂଚଳର ତଥା ବର୍ତମାନ ଷ୍ଟେସନବଜାରରେ ବସବାସ କରୁଥିବା ଜୟଦେବ ପଣ୍ଡାଙ୍କ ପୁଅ ଜିତେନ୍ଦ୍ର ପଣ୍ଡା ଓରଫ ଜିତୁନନା(୩୪)ଙ୍କ ଗାଡ଼ିର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ ଜିତେନ୍ଦ୍ରଙ୍କ ନିକଟରୁ ଟଙ୍କା ଉଧାର ନେଇ ସୁଝିବାର ନାମ ଧରୁ ନ ଥିଲେ । ଗତ ସେପ୍ଟେମ୍ବର ୧୧ ପୂର୍ବାହ୍ନରେ ଜିତେନ୍ଦ୍ର ପଣ୍ଡା ଓ୍ୱାର୍ଡ଼ ନମ୍ବର ୭ ରଘୁନାଥ ଜୀଉ ମଠ ଛକ ଅଂଚଳର ସନ୍ତୋଷ ଦାସଙ୍କ ପୁଅ ଚନ୍ଦନ କୁମାର ଦାସ(୩୫)ଙ୍କୁ ସାଥୀରେ ଧରି ବିକ୍ରମ ଦାସଙ୍କ ଘରେ ପହଂଚି ତାଙ୍କୁ ସାଥୀରେ ଧରି ଆସିଥିଲେ । ଏହାପରେ ଉଧାରି ଟଙ୍କା ପରିଶୋଧ କରିବାକୁ ଜିଦ ଧରି ବସିଥିଲେ ଜିତେନ୍ଦ୍ର । ମାତ୍ର ବିକ୍ରମ ଦାସ ଟଙ୍କା ପରିଶୋଧ କରିବା କ୍ଷେତ୍ରରେ ନିଜର ଅସମର୍ଥତା ପ୍ରକାଶ କରିବା ପରେ ଜିତୁ ଓରଫ ଜିତେନ୍ଦ୍ର ଏବଂ ତାଙ୍କ ସହଯୋଗୀ ଚନ୍ଦନ ମିଶି ବିକ୍ରମକୁ ଆକ୍ରମଣ କରିବା ସଙ୍ଗେସଙ୍ଗେ ତାର ବେକ ଚିପି ହତ୍ୟା କରିଥିଲେ । ଏହାପରେ ଶବକୁ ଘର ନିକଟରେ ପକାଇ ପଳାଇ ଆସିଥିଲେ । ବିକ୍ରମଙ୍କ ସ୍ତ୍ରୀ ମିନୁ ବାରିପଦା ଟାଉନ ଥାନାରେ ଜିତେନ୍ଦ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଆଇପିସି ଧାରା ୩୦୨ ଅନୁସାରେ କେଶ ନମ୍ବର ୬୧୯/୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ଏବଂ ପ୍ରଥମେ ଜିତୁକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲେ ମଧ ସେ ମୁହଁ ଖୋଲି ନଥିଲେ । ଏହାପରେ ପୁଲିସ ଜିତୁର ସହଯୋଗୀ ଚନ୍ଦନକୁ ଆଣି ପ୍ରଶ୍ନ କରିବାରୁ ସେ ନିଜର ଅପରାଧକୁ ସ୍ୱିକାର କରିବା ସହ ପୁଲିସ ସମ୍ମୁଖରେ ସମସ୍ତ ଘଟଣା ଖୋଲି ଦେଇଥିଲା ।

# ବିଜେପି ଜିଲ୍ଲା ସଭାପତି କାଳିଆ ପାଢୀ କରୋନା ଆକ୍ରାନ୍ତ

ଭଦ୍ରକ, ୧୪/୯(ହି.ସ.) - ବିଜେପିର ଭଦ୍ରକ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ପାଢୀ ଓରଫ କାଳିଆ ପାଢୀ କରୋନା ଆକ୍ରାନ୍ତ ହୋଇଥିବା ସୂଚନା ଦେଇଛନ୍ତି । ଏଥି ସହିତ ସେ ତାଙ୍କ ସହିତ ମିଶିଥିବା ସମସ୍ତଙ୍କୁ ନିଜର ସ୍ୱାବ ଟେଷ୍ଟ ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପାଢୀ ଭଦ୍ରକର ଏକ ଘରୋଇ ନର୍ସିଂହୋମ୍‌ରେ ଆଇସୋଲେସନରେ ରହିଥିବା ସହିତ ସେ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଭଦ୍ରକର ବହୁ ବୁଦ୍ଧିଜୀବୀ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଯଥେଷ୍ଟ ନୁହେଁ କେବଳ ପାଠ



ମହାମାରୀ କରୋନା କାରଣରୁ ସ୍କୁଲରେ ତାଲା ପଡ଼ିଛି । ପିଲାଏ ଭର୍ଚୁଆଲ୍ ଅର୍ଥାତ୍ ଅନ୍‌ଲାଇନ୍‌ରେ ପଢୁଛନ୍ତି । ସ୍କୁଲରେ ଯେମିତି ପାଠପଢ଼ା ସହିତ ଖେଳକୁଦ, ଚିତ୍ରକଳା, ନାଚଗୀତ, ସଂଗୀତ ଆଦି ଶିକ୍ଷା ଦିଆଯାଉଛି, ପିଲାଙ୍କୁ ସେସବୁ ଶିଖାଇବା ଦାୟିତ୍ୱ ଆପଣଙ୍କର । ପିଲାଙ୍କୁ ପଢ଼ାଇବାର ଅର୍ଥ କେବଳ ପାଠ୍ୟ- ପୁସ୍ତକରେ ଥିବା ବିଷୟକୁ ମୁଖସ୍ଥ କରାଇବା ନୁହେଁ । ଏହି କାରଣରୁ ସ୍କୁଲରେ ପାଠପଢ଼ା ବ୍ୟତୀତ ନାନା ପ୍ରକାର କରିକୁଲାର୍ ଆକ୍ଟିଭିଟିକ୍ ବା ଭିନ୍ନ ଭିନ୍ନ ବିଷୟ ସହିତ ସେମାନଙ୍କୁ ସମ୍ପୃକ୍ତ କରାଯାଇଥାଏ । ମାତ୍ର କରୋନା କାରଣରୁ ବର୍ତ୍ତମାନ ତ ସ୍କୁଲ ବନ୍ଦ ରହିଛି । ପିଲାଏ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି । ଏହା ସହିତ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ପଢ଼ାଉଛନ୍ତି । ମାତ୍ର କେବଳ ପାଠପଢ଼ା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ଅନ୍‌ଲାଇନ୍ ପାଠପଢ଼ାରେ ପିଲାଏ ପାଠ୍ୟପୁସ୍ତକରେ ଥିବା ପାଠ ତ ପଢୁଛନ୍ତି, ହେଲେ ଅନ୍ୟାନ୍ୟ ଗତିବିଧି ଦୃଷ୍ଟିରୁ ପଛରେ ପଡ଼ିଯାଉଛନ୍ତି । ତେଣୁ ବହିରେ ଥିବା ପାଠ ପଢ଼ାଇବା ସହିତ ସେମାନଙ୍କୁ ନାଚ ଗୀତ, ସଂଗୀତ, ଖେଳ କସରତ, ଚିତ୍ରକଳା ଆଦି ଶିଖାନ୍ତୁ । ଏହା ଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ । ପାଠ ପଢ଼ାଇବା ସହିତ ଏହି ସବୁ ଆକ୍ଟିଭିଟିଜ୍ ବା ଗତିବିଧି ଦ୍ୱାରା ଆପଣ ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଙ୍ଗମ କରିପାରିବେ ।

**କ୍ରୀଡ଼ା :**



ପିଲାଙ୍କୁ ଘରେ ଖେଳକୁଦ ବା କ୍ରୀଡ଼ା ଶିଖାଇବା ନିଶ୍ଚିତ ଭାବେ କଷ୍ଟକର । ଚେସ୍ ଭଳି ଘର ଭିତରେ ଖେଳାଯାଉଥିବା ଖେଳ ବ୍ୟତୀତ ଲକ୍‌ଡାଉନ୍ ପୂର୍ବରୁ ଯଦି ଆପଣଙ୍କ ପିଲାଏ ଟେନିସ୍, କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ ଭଳି ଖେଳରେ ନିୟମିତ ଭାଗ ନେଉଥାନ୍ତି, ତା'ହେଲେ ବର୍ତ୍ତମାନ ସେମାନଙ୍କର ଗତିବିଧି ନିଶ୍ଚିତ ଭାବେ ସୀମିତ ହୋଇଯାଇଥିବ । ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଥିପାଇଁ ମଧ୍ୟ ଆପଣଙ୍କ ନିକଟରେ କିଛି ରାସ୍ତା ଅଛି । ଆପଣ ପିଲାଙ୍କୁ ଘରର ହତା ଭିତରେ ଜଗିଙ୍ଗ୍, ରନିଙ୍ଗ୍ କରାଇପାରିବେ । ସେମାନଙ୍କୁ ସିଡ଼ିରେ ଚଢ଼ିବା ଏବଂ ଓହ୍ଲାଇବାକୁ ଉତ୍ସାହିତ କରନ୍ତୁ । ଏସବୁ ବାଦ୍ ସେମାନଙ୍କୁ ଆପଣ ଷ୍ଟ୍ରେଚିଂ ଏକ୍ସରସାଇଜ୍ ଶିଖାଇପାରିବେ । ଦଉଡ଼ିଡିଆଁ ଖେଳ ଖେଳିବାକୁ ଉତ୍ସାହିତ କରିପାରିବେ । ଏହା ଦ୍ୱାରା ଲକ୍‌ଡାଉନ୍‌ରେ ବି ସେମାନେ ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ରହିପାରିବେ । ଏହା ବ୍ୟତୀତ ସେମାନଙ୍କୁ ଅନ୍‌ଲାଇନ୍ ଫୁଟବଲ୍ କ୍ଲାସ୍ ଆଦି ଦେଖାଇବାକୁ ଭୁଲନ୍ତୁ ନାହିଁ ।

**ସଙ୍ଗୀତ :**

ଗୀତ ଗାଇବା ହେଉ କିମ୍ବା ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇବା; ଉଭୟ କାମରେ ଅନୁଶାସନ, ଶୃଙ୍ଖଳା ଏବଂ ଡେଡିକେଶନ୍ ବା ସମର୍ପଣ ଭାବରେ ଆବଶ୍ୟକତା ରହିଛି । ଯେହେତୁ କରୋନା ସଂକ୍ରମଣ ବ୍ୟାପୁଛି ତେଣୁ ପିଲାଙ୍କୁ ଫିଜିକାଲ୍ ମ୍ୟୁଜିକ୍ କ୍ଲାସ୍ ଦେବା ଅପେକ୍ଷା ଭର୍ଚୁଆଲ୍ ବା ଅନ୍‌ଲାଇନ୍ ମ୍ୟୁଜିକ୍ ଶିଖାଇବା ପାଇଁ ଚେଷ୍ଟା କରନ୍ତୁ । ଉଦାହରଣ ସ୍ୱରୂପ ଆପଣ ଶଙ୍କର ମହାଦେବନ୍ ଏକାଡେମୀର ୱେବ୍‌ସାଇଟକୁ ଯାଇ ନିଜ ପିଲାଙ୍କ ପସନ୍ଦ ଅନୁସାରେ ମ୍ୟୁଜିକ୍‌ର ଅନେକ ବିକଳ୍ପ ମଧ୍ୟରୁ ଗୋଟିଏ ବାଛିପାରିବେ । 'ଦ ମ୍ୟୁଜିକ୍ କ୍ଲାସ୍' ଏଭଳି ଆଉ ଏକ ବିକଳ୍ପ, ଏଠାରେ ମଧ୍ୟ ଅନ୍‌ଲାଇନ୍ ମ୍ୟୁଜିକ୍ ଶିକ୍ଷା ଦିଆଯାଏ । ଯଦି ଆପଣଙ୍କ ପିଲାମାନେ ଘରେ ରହି ରହି ବିରକ୍ତ ହେଉଛନ୍ତି, ତା' ହେଲେ ସେମାନଙ୍କୁ ସଙ୍ଗୀତ ସହ ଯୋଡ଼ନ୍ତୁ । ସେମାନଙ୍କୁ ହାର୍‌ମୋନିୟମ, ଗୀଟାର୍, ଭାଓଲିନ୍, କେସିଓ ଆଦି ବଜାଇବା ଶିଖାନ୍ତୁ । ସେମାନଙ୍କ ମନପସନ୍ଦର ଗାୟର, ଗାୟିକାଙ୍କ ଗୀତକୁ ମଧ୍ୟ ଅଭ୍ୟାସ କରାଇପାରିବେ । ଏହା ବାଦ୍ ବର୍ତ୍ତମାନ କେଉଁ ସବୁ ଗାୟକ, ଗାୟିକାଙ୍କର ଚାହିଦା ରହିଛି, କେଉଁ ପ୍ରକାରର ଗୀତ ଟ୍ରେଣ୍ଡରେ ଅଛି ସେସବୁ ବାବଦରେ ସେମାନଙ୍କୁ କହିବା ସହିତ ତାହାକୁ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିପାରିବେ ।



**ଡ୍ୟାନ୍ସ :**

ଡ୍ୟାନ୍ସ ବା ନୃତ୍ୟ ପ୍ରତି ପିଲାଙ୍କର ବେଶ୍ ଆଗ୍ରହ ରହିଥାଏ । ସେ ମଡର୍ଣ୍ଣ ହେବା ବା ଅନ୍ୟ କିଛି । ନାଚଗୀତ ପ୍ରତି ପିଲାଏ ସର୍ବଦା ଆଗ୍ରହୀ ହୋଇଥାନ୍ତି । ନୃତ୍ୟ ମଧ୍ୟ ଏଭଳି ଏକ ଗତିବିଧି, ଯାହାର ଅଭ୍ୟାସ ଯେକୌଣସି ସ୍ଥାନରେ କରାଯାଇପାରେ । ଯଦି ଆପଣଙ୍କୁ କେହି ଭର୍ଚୁଆଲ୍ ଡ୍ୟାନ୍ସ ଶିଖାଉଥିବା ଟିଚର୍ ମିଳିଯିବେ, ତା'ହେଲେ ବହୁତ ଭଲ ହେବ । ଯଦି ଅନ୍‌ଲାଇନ୍ ଟିଚର୍ ମିଳୁନାହାନ୍ତି, ତା'ହଲେ ଆପଣ ଡ୍ୟାନ୍ସ ଭିଡିଓ ସହାୟତା ନେଇପାରିବେ । ଅନ୍‌ଲାଇନ୍‌ରେ ଏଭିଳ ଅନେକ ଡ୍ୟାନ୍ସ ଭିଡିଓ ଉପଲବ୍ଧ ରହିଛି, ଯାହା ଦେଖି ପିଲାଏ ନୃତ୍ୟ ଅଭ୍ୟାସ କରିପାରିବେ । ଡ୍ୟାନ୍ସ ଶିଖାଉଥିବା ଭିଡିଓ ଖୋଜିବା ଆପଣଙ୍କ ପାଇଁ ଆଦୌ କଷ୍ଟକର ହେବ ନାହିଁ । ଅନେକ ଭିନ୍ନ ଭିନ୍ନ ପ୍ରକାରର ଡ୍ୟାନ୍ସ ଶୈଳୀର ଭିଡିଓ ୟୁଟ୍ୟୁବ୍‌ରେ ଆପଣଙ୍କୁ ସହଜରେ ମିଳିଯିବ । ମନେରଖିବା ଉଚିତ, ନୃତ୍ୟ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ଏହା ମଧ୍ୟ ଏକ ଶାରୀରିକ ବ୍ୟାୟାମ, ଯାହା ଶରୀରକୁ ଫିଟ୍ ରଖିବାରେ ଅନେକ ସହାୟତା କରିଥାଏ । ପିଲାଏ ଯଦି ଆଧୁନିକ, ଅତ୍ୟାଧୁନିକ ନୃତ୍ୟରେ ରୁଚି ରଖୁଛନ୍ତି ସେସବୁ ଶିଖିବା ଦିଗରେ ଉତ୍ସାହିତ କରନ୍ତୁ । ଯଦି ସେମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଆଗ୍ରହୀ ତେବେ ସେ ଦିଗରେ ସେମାନଙ୍କୁ କିଛି ଶିଖାଇବା ବ୍ୟବସ୍ଥା କରନ୍ତୁ ।



# ଛଚିନ୍ଦ୍ର ଲୋଟ୍‌ପୋଟ୍

ଛଚିନ୍ଦ୍ର ଏକ ସାଧାରଣ ପରିବା ହୋଇଥିଲେ ବି ଏଥିରେ ସ୍ୱାଦିଷ୍ଟ ଏବଂ ସୁନ୍ଦର ଖାଦ୍ୟ ପ୍ରସ୍ତୁତ କରାଯାଇପାରେ । ଏହା ମଧ୍ୟରୁ ଗୋଟିଏ ହେଲା ଛଚିନ୍ଦ୍ରା ଲୋଟ୍‌ପୋଟ ।



ଆବଶ୍ୟକ ସାମଗ୍ରୀ:
ଛୋଟ ଆକାରର ଛଚିନ୍ଦ୍ର ୬ରୁ ୭ଟି, ବଡ଼ ଚାମଚରେ ୨ଚାମଚ ଲେଖାଏଁ ଚାଉଳ ଚୂନା ଏବଂ ବେସନ, ୧ଚାମଚ ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଆବଶ୍ୟକ ଅନୁସାରେ ଲଙ୍କା ଗୁଣ୍ଡ, ହଳଦି ଗୁଣ୍ଡ, ଲୁଣ ଓ ତେଲ, ବଡ଼ ପିଆଜ-୧ଟି, କଞ୍ଚାଲଙ୍କା-୩/୪ଟି, ୧ଚାମଚ ଅଦା ଓ ରସୁଣ ବଟା, ସ୍ୱାଦ ପାଇଁ ଟମାଟୋ ସସ୍, ଚିଲି ସସ୍ ଏବଂ ସୋୟା ସସ୍ ।

ପ୍ରସ୍ତୁତି: ଛଚିନ୍ଦ୍ରାଗୁଡ଼ିକୁ ଗୋଲ୍ କରି ପତଳା ଆକାରରେର କାଟିଦେବେ । ସେଥିରେର ଅଳ୍ପ ଜିରାଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ବେସନ, ଚାଉଳ ଚୂନା, ଅଳ୍ପ କାଶ୍ମୀରି ଲଙ୍କା ଗୁଣ୍ଡ ଏବଂ ଲୁଣ ପକାଇ ଗୋଳାଇଦେବେ । ଗ୍ୟାସ୍‌ରେ ଫ୍ରାଏ ପ୍ୟାନ୍ ବସାଇ ତେଲ ପତଳା କାଟନ୍ତୁ । ରସୁଣ ୫-୬ଟି ପାଖୁଡ଼ା ମଧ୍ୟ ଚୋପା ଛଡ଼ାଇ ଛୋଟଛୋଟ କାଟି ରଖିବେ । ଏବେ ଫ୍ରାଏ ପ୍ୟାନ୍ ପୁଣି ଗ୍ୟାସ୍‌ରେ ବସାଇ ସେଥିରେ ତେଲ ଗରମ କରନ୍ତୁ । କଟା କଞ୍ଚାଲଙ୍କା, ପିଆଜ ପକାଇ ଭାଜିବା ପରେ ଅଦା ରସୁଣ ପେଷ୍ଟ, ଜିରାଗୁଣ୍ଡ, ଧନିଆ ଗୁଣ୍ଡ, ଅଳ୍ପ ଲଙ୍କା ଗୁଣ୍ଡ ଓ ହଳଦି ଗୁଣ୍ଡ ପକାଇ ଭାଜିବେ । ଏହା ଭାଜି ହୋଇଆସିବା ପରେ ସେଥିରେ ୧ ଗ୍ଲାସ୍ ପାଣି ଦେଇ ଫୁଟାଇବେ । ପାଣି କମି ଆସିବା ପରେ ଛଣା ହୋଇଥିବା ଛଚିନ୍ଦ୍ରାକୁ ସେଥିରେ ପକାଇ ଗୋଳାଇ ଦେବେ । ନିଜ ପସନ୍ଦ ଅନୁସାରେ, ଚିଲି ଏବଂ ସୋୟା ସସ୍ ମିଶାଇଦେବେ । ଶେଷରେ ବଳକା ରଖିଥିବା କିଛି କଟା ପିଆଜ ଏବଂ କଟା ରସୁଣକୁ ଅଲଗା ଭାଜି ଏଥିରେ ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଛଚିନ୍ଦ୍ରା ଲୋଟ୍‌ପୋଟ ।



# ଅତିଥି କକ୍ଷ ସୁନ୍ଦର୍ ଦେଖାଯିବା ନିମନ୍ତେ ଏମିତି କରନ୍ତୁ

ଘରେ ଗେଷ୍ଟରୁମ୍ ବା ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷଟି ସ୍ୱାତନ୍ତ୍ର୍ୟ ବହନ କରିଥାଏ । ଯେମିତି ଖୁସିରେ ଅତିଥିଙ୍କୁ ସ୍ୱାଗତ କରାଯାଏ ସେହି ଉତ୍ସାହରେ ସେମାନଙ୍କ ପାଇଁ ରଖିବା କକ୍ଷଟି ସଜାଇଥିଲେ ଅତିଥି ସେଠାରେ ଆଦୌ ଅସହଜ ବୋଧ କରିବେ ନାହିଁ । ଅତିଥି କକ୍ଷଟି ଯେପରି ଆରାମଦାୟକ ହୋଇଥିବ, ଏକଥା ସବୁବେଳେ ଲକ୍ଷ୍ୟ ରଖିଥିବା ଉଚିତ ।

ଅତିଥି କକ୍ଷ ସବୁବେଳେ ଈଷତ୍ ଧଳା, କ୍ରିମ, ହାଲକା ନୀଳ ଆଦି ରଙ୍ଗରେ ସଜାଯାଇଥିବା ଭଲ । କାରଣ ପ୍ରାୟତଃ ଅତିଥି ଦୂରଯାତ୍ରା କରି କ୍ଲାନ୍ତ ହୋଇ ଆସିଥାନ୍ତି । ତେଣୁ ହାଲକା ରଙ୍ଗ ତାଙ୍କ ଆଖିକୁ ଆରାମ ଦେଇଥାଏ । କକ୍ଷରେ ବ୍ୟବହୃତ ଚାଦର, ପରଦା ଆଦି ଏକାରଙ୍ଗର ହେଲେ କକ୍ଷଟି ଆହୁରି ସୁନ୍ଦର ଦେଖାଯିବ । ସାଜସଜ୍ଜା ଏପରି ହେବା ଉଚିତ ଯେମିତି ତାହା ହୋଟେଲ ରୁମ ପରି ନଲାଗି ଘରୋଇ ଦେଖାଯାଉଥିବ । ଅଧିକ ଫର୍ଣ୍ଣିଚର ନରଖି ଫାଙ୍କା ଜାଗା ରଖନ୍ତୁ ଯେମିତି କି ତା ଭିତରେ ଚଳାଚଳ କରିବାରେ ଅତିଥିଙ୍କର କୌଣସି ସମସ୍ୟା ହେବ ନାହିଁ ଏବଂ କକ୍ଷଟି ଖୋଲା ଲାଗୁଥିବ । ଘରର କୌଣସି ପୁରୁଣା ବା ଅବ୍ୟବହୃତ ଜିନିଷ ଗେଷ୍ଟରୁମରେ ରଖି ଏହାକୁ ଷ୍ଟୋରରୁମ କରନ୍ତୁ ନାହିଁ । ଅତିଥି ତାଙ୍କ ପୋଷାକପତ୍ର ତଥା ଅନ୍ୟାନ୍ୟ ଜିନିଷ ରଖିବା ଲାଗି ସେଠାରେ ଏକ ଆଲମାରି ନିଶ୍ଚୟ ରଖନ୍ତୁ । ଏହା ଡ୍ରେସିଂ ଟେବୁଲ ସହ ଲାଗି ରହିପାରେ, ନଚେତ ଏକ ବଡ଼ ଆଇନା ଥିବା ଆଲମାରି ମଧ୍ୟ ରଖାଯାଇପାରେ । ଅତିଥି ବାହାରକୁ ଯିବାବେଳେ ତାଙ୍କୁ ପ୍ରସ୍ତୁତ ହେବାରେ ଏହି ଆଇନା ସାହାଯ୍ୟ କରିବ । ଗୋଟିଏ ଛୋଟ ଡଷ୍ଟବିନ୍, ଟେବୁଲ କିମ୍ବା କାନ୍ଥ ଘଣ୍ଟା ସେହି କକ୍ଷରେ ରହିବା ଜରୁରୀ । ଚାହିଁଲେ ଫୁଲଦାନିରେ ସଜାଇ ପାରନ୍ତି । କିଛି ବହି ତଥା ପତ୍ରପତ୍ରିକା ମଧ୍ୟ ରଖାଯାଇପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେହି କକ୍ଷଟି ଯେପରି ଅନ୍ଧାରୁଆ ନହୋଇ ଭଲଭାବେ ଆଲୋକିତ ହୋଇପାରୁଥିବ । ନାଇଟ ଲ୍ୟାମ୍ପର ବି ବ୍ୟବସ୍ଥା କରାଯାଇପାରେ ।





# ଗଣ୍ଠିବାତର ଆୟୁର୍ବେଦିକ ଉପଚାର



ଆୟୁର୍ବେଦିକ ଯଥା ବିଭିନ୍ନ ପ୍ରକାର ଗଛର ଡାଳ, ପତ୍ର, ଫୁଲ, ଫଳରେ ଏପରି ଅନେକ ରହସ୍ୟ ଲୁଚି ରହିଥାଏ, ଯାହାର ବ୍ୟବହାର ଦ୍ୱାରା ଅନେକ ବଡ଼ ବଡ଼ ରୋଗରୁ ଉପଶମ ମିଳିଥାଏ । ଯଦି ଆପରଙ୍କର ଗଣ୍ଠିବାତ ଦେଖାଯାଏ ତେବେ ନିମ୍ନୋକ୍ତ ଉପଚାରକୁ ଅବଲମ୍ବନ କରନ୍ତୁ ଦେଖିବେ, ସମସ୍ୟା ସହଜରେ ଦୂର ହୋଇଯିବ । ଆମ୍ବ- ଏକ ମାଟି ପାତ୍ରରେଲିଟରେ ପାଣି ନେଇ ଚାରି/ ପାଞ୍ଚୋଟି ଆମ୍ବପତ୍ରକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାନ୍ତୁ । ସେହି ପାଣିକୁ ନିୟମିତ ଆଣ୍ଠୁଗଣ୍ଠିରେ ମାସେ ପର୍ଯ୍ୟନ୍ତ ଘସିଲେ ବହୁତ ଆରାମ ମିଳିଥାଏ । ତେନ୍ତୁଳି- ଏହାର ପତ୍ରକୁ ବାଟି ଏଥିରେ ଖାରସୋଡ଼ା ମିଶାନ୍ତୁ । ଏହି ମଶ୍ରଣକୁ ସାମାନ୍ୟ ଗରମ କରି ବଥା ହେଉଥିବା ଜାଗାରେ ଶୁଖିଲା ପର୍ଯ୍ୟନ୍ତ ଲଗାନ୍ତୁ । ଏକମାସ ପର୍ଯ୍ୟନ୍ତ ଏପରି କଲେ ସୁଫଳ ମିଳିଥାଏ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଶାନ୍ତି ଅପରିହାର୍ଯ୍ୟ...

ଆଫଗାନିସ୍ତାନରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ କେବଳ ଆଫଗାନିସ୍ଥାନ ନୁହେଁ, ସେଠାରେ ଏତେବର୍ଷ ଧରି ରକ୍ତର ହୋଲି ଖେଳି ଆସିଥିବା ତାଲିବାନ ଉଗ୍ରବାଦୀ ଗୋଷ୍ଠୀଙ୍କ ତୁଣ୍ଡରୁ ପ୍ରଥମ ଥର ପାଇଁ ଶୁଣିବାକୁ ମିଳିଛି । ଦୋହାଠାରେ ଆୟୋଜିତ ଆଫଗାନିସ୍ତାନ ଶାନ୍ତି ଆଲୋଚନାରେ ଏଭଳି ପ୍ରସ୍ତାବ ରଖିଛନ୍ତି ଖୋଦ୍ ତାଲିବାନ ପ୍ରତିନିଧି । ଦୀର୍ଘ ଚାରି ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଆଫଗାନିସ୍ତାନ ସରକାରୀ ପ୍ରତିନିଧି ଏବଂ ତାଲିବାନ ପ୍ରତିନିଧିମାନେ ଏକା ଟେବୁଲରେ ବସି ଶାନ୍ତି ଆଲୋଚନା କରିବା ପ୍ରମାଣିତ କରିଛି ଯେ, ଏବେ ଉଭୟ ପକ୍ଷ ରଣକ୍ଳାନ୍ତି ଏବଂ ସେମାନେ ଶାନ୍ତି ଚାହାଁନ୍ତି । ତାଲିବାନ ଗୋଷ୍ଠୀଙ୍କ ନେତୃତ୍ୱ ନେଉଥିବା ମୁଲ୍ଲା ବରାଦର ଅଖୁନ୍ଦ ଏହି ଆଲୋଚନା ପ୍ରାରମ୍ଭରେ ପ୍ରସ୍ତାବ ରଖିଥିଲେ ଯେ, ପରସ୍ପର ମଧ୍ୟରେ ଯୁଦ୍ଧ ଲିପ୍ତ ହେବା ପରିବର୍ତ୍ତେ ଉଭୟ ପକ୍ଷ ବସି ଶାନ୍ତି ଆଲୋଚନା କରିବା ସମୀଚୀନ ହେବ । ଆଫଗାନିସ୍ତାନ ସରକାରଙ୍କ ପକ୍ଷରୁ ନେତୃତ୍ୱ ନେଉଥିବା ଅବଦୁଲ୍ଲା ଅବଦୁଲ୍ଲାଙ୍କ ପକ୍ଷରୁ ମଧ୍ୟ ସମାନ ଭାବନା ପ୍ରକାଶ ପାଇଛି । ଯଦିଚ ଏହି ଆଲୋଚନାରୁ କୌଣସି ଚୂଡ଼ାନ୍ତ ସମାଧାନ ସୂତ୍ର ମିଳିପାରିନାହିଁ, ତଥାପି ଏହାକୁ ଏକ ସକାରାତ୍ମକ ଅୟମାରମ୍ଭ ବୋଲି କୁହାଯାଇପାରେ । ଆମେରିକା ଏବଂ ନାଟୋ ସେନା ଏବେ ଆଫଗାନିସ୍ତାନରୁ ପେଡ଼ିପୁଟୁଳା ବାନ୍ଧି ଘରବାହୁଡ଼ା ହେବାକୁ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶବାସୀଙ୍କୁ ଅନେକ ଦିନୁ ପ୍ରତିଶ୍ରୁତି ଦେଇସାରିଛନ୍ତି ଯେ, ତାଙ୍କ ଶାସନ କାଳରେ ହିଁ ସେ ସବୁ ମାର୍କିନ ସେନାଙ୍କୁ ସ୍ୱଦେଶ ବାହୁଡ଼ାଇ ଆଣିବେ । ଏବେ ଦ୍ୱିତୀୟବାର ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ତାଙ୍କୁ ଅବଶ୍ୟ ସେ ପ୍ରତିଶ୍ରୁତି ରକ୍ଷା କରିବାକୁ ପଡ଼ିବ । ମାର୍କିନ ସେନା ଆଫଗାନିସ୍ତାନରେ ଦୀର୍ଘ ୧୯ ବର୍ଷ ଧରି ରହିଲେଣି ଏବଂ ତାହା ଯେକୌଣସି ବିଦେଶ ଭୂଇଁରେ ସେମାନଙ୍କର ଦୀର୍ଘତମ ଅବସ୍ଥାନ । ଏହି ଯୁଦ୍ଧରୁ ଆମେରିକା ସେପରି କୌଣସି ସୁଫଳ ମଧ୍ୟ ପାଇନାହିଁ । ବାସ୍ତବତା ଦୃଷ୍ଟିରୁ ଦେଖିଲେ କେହି ସୁଦ୍ଧା ପାଇନାହାନ୍ତି । ତଥାପି ଏ ଯୁଦ୍ଧର ଅସରନ୍ତି ଖିଅ ଲମ୍ବିଛି । ସେ ଦେଶରେ ଶାନ୍ତି ଫେରୁନାହିଁ କିମ୍ବା ସୁଦୃଢ଼ ଗଣତାନ୍ତ୍ରିକ ସରକାର ସ୍ଥାପନ ଆଶା ସୁଦୂର ପରାହତ ହୋଇ ରହିଛି । ତାଲିବାନମାନେ ମଧ୍ୟ ଦିନକୁ ଦିନ ସେମାନଙ୍କ ପ୍ରତି ଥିବା ସମର୍ଥନ ହରାଇ ଚାଲିଛନ୍ତି । ଦେଶ ବିପର୍ଯ୍ୟସ୍ତ ହୋଇଚାଲିଛନ୍ତ ଏବଂ ହଜାର ହଜାର ଲୋକ ମୃତ୍ୟୁବରଣ କରି ଚାଲିଛନ୍ତି । ତେଣୁ ଆଫଗାନିସ୍ତାନ ସରକାର ଏବଂ ତାଲିବାନ ଗୋଷ୍ଠୀଙ୍କ ମଧ୍ୟରେ କୌଣସି ପ୍ରକାରେ ଏକ ଶାନ୍ତ ରାଜିନାମା କରାଇବା ସକାଶେ ଆମେରିକା, ରୁଷିଆ ଏବଂ କତିପୟ ଉପସାଗରୀୟ ରାଷ୍ଟ୍ର ସେମାନଙ୍କର ପ୍ରୟାସ ଜାରି ରଖିଛନ୍ତି । ଗତ ଫେବୃଆରୀ ମାସରେ ଆମେରିକା ଏବଂ ତାଲିବାନ ଗୋଷ୍ଠୀଙ୍କ ମଧ୍ୟରେ ଯେଉଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା, ବର୍ତ୍ତମାନର ଶାନ୍ତି ଆଲୋଚନା ତାହାର ଫଳ ବୋଲି ବିବେଚନା କରାଯାଇପାରେ । ତେଣୁ ଏହି ଆଲୋଚନାକୁ ମାର୍କିନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ 'ଐତିହାସିକ ଏବଂ ଉତ୍ସାହଜନକ' ବୋଲି ଅଭିହିତ କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ତାଲିବାନ ଗୋଷ୍ଠୀ ହିଂସା ପରିତ୍ୟାଗ କରିବା ସକାଶେ ରାଜି ହୋଇନାହାଁନ୍ତି । ସେମାନେ ଆଫଗାନିସ୍ତାନର ବର୍ତ୍ତମାନର ସରକାରକୁ ମଧ୍ୟ ସଂପୂର୍ଣ୍ଣ ରୂପେ ବିଶ୍ୱାସକୁ ନେଇନାହାଁନ୍ତି । ସେମାନଙ୍କର ଅଭିଯୋଗ ଯେ, ତାହା ଆମେରିକା ଦ୍ୱାରା ନିୟନ୍ତ୍ରିତ ଏକ ପିତୁଳା ସରକାର । ପୁଣି ସେ ଦେଶରେ ଭବିଷ୍ୟତରେ ଏକ 'ଇସଲାମିକ ସରକାର' ଗଠନ ସକାଶେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି । ସର୍ବୋପରି ଯଦିବା ଶାନ୍ତି ରାଜିନାମା ସ୍ୱାକ୍ଷରିତ ହୁଏ, ତେବେ ତାଲିବାନଙ୍କ ଭବିଷ୍ୟତ ଭୂମିକା କ'ଣ ହେବ ତାହା ଉପରେ ଏହାର ସଫଳତା ନିର୍ଭର କରେ । ତାଲିବାନ ଗୋଷ୍ଠୀ ସରକାରରେ ସାମିଲ ନହେଲେ ପୁଣି ଥରେ ସେ ଦେଶରେ ଉଗ୍ରବାଦ ମୁଣ୍ଡଟେକିବା ଥୟ । ପୁନଶ୍ଚ ଗତ ଚାଳିଶ ବର୍ଷ ମଧ୍ୟରେ ସେଠାରେ ଯେଉଁ ଶହ ଶହ ଉଗ୍ରବାଦୀ ସଂଗଠନ ଜନ୍ମଲାଭ କରିଛନ୍ତି ସେମାନଙ୍କୁ କିଭଳି ଭାବେ ମୁଖ୍ୟସ୍ରୋତରେ ସାମିଲ କରାଯିବ ତାହା କାଠିକର ପାଠ । ଆମେରିକୀୟ ସେନା ଆଫଗାନିସ୍ତାନରୁ ଫେରିବା ମାତ୍ରେ ସେଠାରେ ଏକ ଅନିଶ୍ଚିତତା ଦେଖାଦେବା ଥୟ । ତେଣୁ ଯେତେଶୀଘ୍ର ସମ୍ଭବ ସେ ଦେଶ ସରକାର ଏବଂ ତାଲିବାନ ନିଜ ଭିତରେ ଏକ ଦୃଢ଼ ସହମତ ରାଜିନାମା ସ୍ୱାକ୍ଷର କରିବା ଏବଂ ତାହାକୁ କାୟମନୋବାକ୍ୟରେ ପାଳନ କରିବା ହୁଏତ ସେ ଦେଶରେ ଶାନ୍ତିର ବୀଜକୁ ଅଙ୍କୁରିତ ହେବାର ସୁଯୋଗ ପ୍ରଦାନ କରିବ ।

# ଆମ ସଂସ୍କୃତିରେ ନାରୀ

**ଡକ୍ଟର ଶ୍ରୀହରି ପଣ୍ଡା**



ନାରୀ !ନ ଅରି ଅର୍ଥାତ୍ ଯାହାର କୌଣସି ଶତ୍ରୁ ନଥାନ୍ତି । ପୁଣି ଭାରତୀୟ ନାରୀର ମହାନ୍ ଆଦର୍ଶ ତାଙ୍କୁ କରିଛି ବିଶ୍ୱବନ୍ଦିତା । ତାର ଆଦର୍ଶ ଅତୀତରେ ଭାରତର ଆକ୍ରମଣକାରୀଙ୍କୁ ମଧ୍ୟ ପ୍ରଲୁବ୍ଧ କରି ସମ୍ମାନ ଦେବାକୁ ବାଧ୍ୟ କରିଥିଲା । ତାଙ୍କର ଭୂମିକା ଥିଲା ଅତୁଳନୀୟ ଓ ଅପରିହାର୍ଯ୍ୟ । ସେମାନଙ୍କର ମହତ୍ତ୍ୱ ପାଇଁ ଶାସ୍ତ୍ରରେ ତାଙ୍କୁ ଦେବୀର ସ୍ଥାନ ଦିଆଯାଇଛି । ତାଙ୍କୁ ପୂଜା କରିଛି ଭାରତୀୟ ସଂସ୍କୃତି । ଯେଉଁଘରେ ନାରୀର ଅମର୍ଯ୍ୟାଦା ହୁଏ ସେ ଘରକୁ ଦେବତା ପରିତ୍ୟାଗ କରିଥାନ୍ତି ଏବଂ ଯେଉଁଠି ନାରୀର ସମ୍ମାନ ଅଛି ସେଠି ଦେବତା ବାସ କରନ୍ତି । "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା " । ସ୍ତ୍ରୀକୁ ସମ୍ମାନ ପ୍ରଦର୍ଶନ କଲେ ଦେବତା ଆପ୍ୟାୟିତ ହୁଅନ୍ତି । ସେ ପ୍ରେମିକା, ଜାୟା ବା ଭାଗିନୀ ନୁହେଁ ସେ ପରିବାରର ଭାବୀ ନିମ୍ରାତ୍ରୀ, ଅଧିକାରୀ । ସେ ହିଁ ହେଉଛି ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧିର ବୀଜମନ୍ତ୍ର । ସେ ଦାସୀ ନୁହେଁ, କ୍ରୀଡନକ ନୁହେଁ । ଅୟସ ବା ବିଳାସର ସାମଗ୍ରୀ ନୁହେଁ, ସେ ସହଚରୀ, ସହକର୍ମୀ ତଥା ପୁରୁଷର ଦେହମନ ପ୍ରାଣ ଓ ଆତ୍ମା ତଥା ଚେତନା ଶକ୍ତିର ଅର୍ଦ୍ଧାଧିକ । ସେ ଅର୍ଦ୍ଧାଙ୍ଗିନୀ । ସେ ପତ୍ନୀ ! ପତ୍ନାୟତ୍ ତାରତେ ଇତି ପତ୍ନୀ । ଯିଏ ସ୍ୱାମୀକୁ ବିପଥଗାମୀ ନକରାଇ ବିପଥରୁ ଫେରାଇ ଆଣି ପତନରୁ ଉଦ୍ଧାର କରିଥାଏ । ସେ ପୁରୁଷର ଅଧାଭାଗ ଓ ଶ୍ରେଷ୍ଠତମ ମିତ୍ର । ପ୍ରକୃତି ବିନା ପୁରୁଷ ଅସମାପ୍ତ, ଶକ୍ତି ବିନା ଶିବ ଅପୂର୍ଣ୍ଣ । ନାରୀ ବିନା ସମାଜ ଅସଙ୍ଗତ, ଅସୁନ୍ଦର । ସେଥିପାଇଁ ସମସ୍ତ ଶାସ୍ତ୍ରପୁରାଣରେ ନାରୀର ଜୟଗାନ ହୋଇଛି ।

ସେ କନ୍ୟା, ଭଗିନୀ, ଜାୟା, ଜନନୀ । ପିତାମାତାଙ୍କର ଅଶେଷ ସ୍ନେହ ପ୍ରେମର ପିତୁଳାଟିଏ । ଛୋଟ ହେଉ ବା ବଡ଼ ହେଉ, ବିବାହିତା ହେଉ ବା ଅବିବାହିତା ହେଉ ସେ ପିତାମାତାଙ୍କର ଅମାପ ଶ୍ରଦ୍ଧାର ଅଧିକାରିଣୀ । ସେ ମଧ୍ୟ ପିତାମାତାଙ୍କ ପାଇଁ ଅଧିକ ଆକୁଳ ହୋଇଥାଏ, ଅସୁସ୍ଥତାରେ ସେ ସେବାକାରୀ ପାଲଟିଯାଏ । ଝିଅ ଉପରେ ମାର ଯେତିକି ଅଧିକାର ସେତିକି ପୁଅ ଉପରେ ନଥାଏ । ପ୍ରତ୍ୟେକଟି କଥାରେ ଝିଅକୁ ଆଗଲୋଡା । ପାରିବାରିକ ବନ୍ଧନରେ ସେ ସ୍ନେହପସରା ଭଉଣୀ । ସୁଖ, ଦୁଃଖ, ଦାରିଦ୍ର୍ୟର ପ୍ରାଚୁର୍ଯ୍ୟ, ଅଭାବ ଓ ସ୍ୱଭାବ ମଧ୍ୟରେ ଭଉଣୀ ପରିବାରର ସମସ୍ତଙ୍କ ପାଇଁ ଆଣିଦିଏ ଏକ ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ । ଭଉଣୀ ପାଇଁ ଭାଇ ହୁଏ ଏକ ବଳ, ସାହସ ଓ ଶକ୍ତି । ଭାଇ ପାଇଁ ଭଉଣୀ ଏକ ଶ୍ରଦ୍ଧା ଓ ଆତ୍ମୀୟତାର ମୂର୍ତ୍ତି । ସେ ଜାୟା ଭାବରେ ପୁରୁଷର ପ୍ରେରଣାଦାୟୀ, ସହକର୍ମିଣୀ । ଜନନୀ ଭାବରେ ସେ ମହିୟସୀ । ମାଟିଠାରୁ ସହନଶୀଳା ଓ ଆକାଶଠାରୁ ବିଶାଳ ମାଆ । ସୁଦୀର୍ଘ ଦଶମାସ ଗର୍ଭଧାରଣଠାରୁ ବକ୍ଷନିଗାଡ଼ି ଶିଶୁ ମୁଖରେ ଅମୃତ ଢାଳିଦେବା ଯାଏଁ ଥାଏ ମାତୃତ୍ୱର ପରାକାଷ୍ଠା । ଏଠି ମା' ଲୋଡେନି ଗର୍ଭଧାରଣ ପାଇଁ ଅନ୍ୟକୁ, ଆୟା ଖୋଜେନି ନିଜ ଶିଶୁର ଲାଳନପାଳନ ପାଇଁ କି କୃତ୍ରିମ ଦୁଗ୍ଧ ଖୋଜେନି ନିଜ ଯୌବନକୁ ଅକ୍ଷୁର୍ଣ୍ଣ ରଖିବାକୁ । ବରଂ କଙ୍କାଳସାର ମା' ଏଠି ତାର ବକ୍ଷ ନିଗାଡ଼ି ନିଜକୁ ପଳପଳ ନିଶେଷ କରିଦିଏ ତାର ସନ୍ତାନ ପାଇଁ । ମାତା ନିଜ ଶରୀର ବିନିମୟରେ ସନ୍ତାନଙ୍କ ଲାଳନ ପାଳନ କରନ୍ତି । ଧନସଂପଦ ସବୁ ମମତା ଯୁକ୍ତ ବସ୍ତୁ ହୋଇଥିବା ବେଳେ ଶରୀର ଅହଂଭାବ ଯୁକ୍ତ ବସ୍ତୁ ଅଟେ । ମମତାଠାରୁ ଅହଂଭାବ ନିକଟତର । ମମତାଯୁକ୍ତ ବସ୍ତୁର ସଂଯୋଗ ଓ ବିଯୋଗ ଲାଗି ରହିଥାଏ, ମାତ୍ର ଶରୀର ତାହା ତୁଳନାରେ ଅପେକ୍ଷାକୃତ ସ୍ଥାୟୀ; ଏଣୁ ମାତାଙ୍କର ସ୍ଥାନ ଉଚ୍ଚରେ ହେବା ସ୍ୱାଭାବିକ । ମାତା ନିଜ ଯୁବାବସ୍ଥାକୁ ସନ୍ତାନଙ୍କ ନିମନ୍ତେ ଉତ୍ସର୍ଗ କରି ଦେଇଥାଏ । ନିଜ ଶରୀରକୁ କ୍ଷୀଣ କରି, ସ୍ତନ୍ୟପାନ କରାଇ ପାଳିପୋଷି ବଡ଼ କରେ । ସେ ଏକାସଙ୍ଗେ ମାଆ, ଧାଈ, ବାରିକ, ଧୋବା, ଦରଜି ଓ ଗୁରୁ ସମସ୍ତଙ୍କର କାମ ଚଳାଏ । ସେ ମେହେନ୍ତର ପରି ଝାଡ଼ାପରିସ୍ରା ସଫା କରେ । ଏହା ସେ ଭାର ସ୍ୱରୂପ ମନେ କରି କରେନାହିଁ ବରଂ ଅତି ଉତ୍ସାହରେ, ପ୍ରେମରେ ଓ ସ୍ନେହରେ କରି ଯାଇଥାଏ ନିଷ୍କାମ ଭାବରେ । ସନ୍ତାନର ଦେହ ଖରାପ ହୋଇଗଲେ ମାତାର ଆଖିରୁ ନିଦ ହଜିଯାଏ, ସନ୍ତାନର ରୋଗଶଯ୍ୟା ନିକଟରେ ବସି ରହିଥାଏ ଜଗୁଆଳି ହୋଇ । ସେଥିରେ ତାର ଦୁଃଖ ନାହିଁ କି ଅନୁଶୋଚନା ନାହିଁ ଅଛି କେବଳ ଆତ୍ମତୃପ୍ତି, ମାତୃତ୍ୱର ସ୍ୱାଭିମାନ ।

ସେ ଗୃହିଣୀ । ଓଡିଆରେ ଗୃହିଣୀ ଶବ୍ଦରୁ ଘରଣୀ ଶବ୍ଦର ଜନ୍ମ । ଘର କହିଲେ ଘର । ଆମର ଅତି ପ୍ରିୟ ଘର । ପରିବାରର ନିବାସ ସ୍ଥାନ ଘର । ଘର ଶବ୍ଦଟି ଘର୍ ଧାତୁରୁ ଆନୀତ । ଏହାର ଅର୍ଥ ଘୋଡାଇବା । ଅର୍ଥାତ୍ ଘର ଆମକୁ ଘୋଡାଇ ରଖେ । ଆମର ଜୀବନର ସାମଗ୍ରିକ ସତ୍ତାକୁ ଘର ଆବୋରି ବସିଥାଏ । ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଶବ୍ଦଟି ପରିବାର, ବଂଶ, କୁଳ ପ୍ରଭୃତିକୁ ମଧ୍ୟ ବୁଝାଇଥାଏ । ସେହି ଘରର ଘରଣୀ ଭାବରେ ସେ ସମସ୍ତ ଦାୟିତ୍ୱର ଅଧିକାରିଣୀ । ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯାଏ ଯେ ଓଡିଆ ଗୃହିଣୀ ନିହାତି ପରିଶ୍ରମୀ ଓ କର୍ମକୁଶଳୀ । ସେହିହେତୁ ଘର ଓ ପରିବାର ସଞ୍ଚାଳନରେ ସମସ୍ତ ଦାୟିତ୍ୱ ସେ ସୁଚାରୁ ରୂପେ ସମ୍ପାଦନ କରିଥାଏ । ଓଡିଆ ନାରୀ ତା'ର ସମସ୍ତ ଜୀବନକୁ ନିଜ ଘର ଓ ପରିବାର ତଥା ବିବାହ ପରେ ଶାଶୁଘର ଓ ସେହି ପରିବାରର ଉନ୍ନତ ଦିଗରେ ବିନିଯୋଗ କରିଥାଏ । ଓଡିଆ ଘରର ବିଶେଷତା ଉପରେ ଆଲୋକପାତ କରିବା ସମୟରେ ଦୁଇଗୋଟି ମୁଖ୍ୟ ବିଷୟ ପ୍ରତି ସ୍ୱତଃ ଧ୍ୟାନ ଆକର୍ଷିତ ହୁଏ । ପ୍ରଥମଟି ହେଉଛି ଓଡିଆ ଗୃହିଣୀର ସାମାଜିକ ଓ ପାରିବାରିକ ସ୍ଥିତି ଏବଂ ଅନ୍ୟଟି ହେଉଛି ଓଡିଆ ଘରକରଣା । ଗୃହିଣୀ, ଓଡିଆ ଗୃହିଣୀ । ଓଡିଆ ନାରୀମାନଙ୍କର ପ୍ରତିନିଧି । ଓଡିଆ ଘର ଓଡିଆ ଗୃହିଣୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ଘରର ଯାବତୀୟ କାର୍ଯ୍ୟ ସମ୍ପାଦନ କରିବା ଯଥା ରୋଷେଇ କରିବା, ବାସନ ମାଜିବା, ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା, ଗୁହାଳ କାମ କରିବା, ଶିଶୁ ଲାଳନ ପାଳନ କରିବା, ଓଷାବ୍ରତ ଉପବାସ ତଥା ନାନା ପର୍ବପର୍ବାଣି ପାଳନ କରିବା, ବନ୍ଧୁବାନ୍ଧବ ଚର୍ଚ୍ଚା କରିବା ଆଦି ସବୁ କାମ ଓଡିଆ ଗୃହିଣୀ କରିଥାଏ । ବ୍ୟବହାରିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯିବ ଯେ ଘର ଓ ପରିବାର ସଞ୍ଚାଳନ ପାଇଁ ଆବଶ୍ୟକ ହେଉଥିବା ପ୍ରଚଣ୍ଡ ମାନସିକ ତଥା ଶାରୀରିକ ଓ ବୌଦ୍ଧିକ ଶକ୍ତିର ଅଧିକାରିଣୀ ଓଡିଆ ଗୃହିଣୀ । ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରାଯାଉ । କୁହାଯାଏ ଯେ ଓଡିଆ ନାରୀ ଏକବିଂଶ ଶତାବ୍ଦୀରେ ମଧ୍ୟ ଗୃହକୋଣରେ ବସି ରହିଛି । ସେ ଆର୍ଥନୈତିକ ଦୃଷ୍ଟିରୁ ସ୍ୱାବଲମ୍ବୀ ନୁହେଁ । ମାତ୍ର ଏଭଳି ଯୁକ୍ତି ସମ୍ପୂର୍ଣ୍ଣ ଅସଙ୍ଗତ । ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ପାଇଥିବା ତଥା ପାରିବାରିକ ଜଞ୍ଜାଳରୁ ସାମୟିକ ଅବ୍ୟାହତି ପାଇଥିବା ଓଡିଆ ଗୃହିଣୀ ଅର୍ଥ ଉପର୍ଜନକାରିଣୀ ଭାବରେ ମଧ୍ୟ ନିଜକୁ ପ୍ରତିଷ୍ଠିତ କରିପାରିଛି । ମାତ୍ର ଏଭଳି ସଂଖ୍ୟା କମ ହୋଇଥିବାରୁ ଉପରୋକ୍ତ ମନ୍ତବ୍ୟ ଦିଆଯାଇଥାଏ । ଆମ ସାଂସ୍କୃତିକ ପରମ୍ପରାରେ ଓଡିଆ ଗୃହିଣୀର ସ୍ଥାନ ଅତି ସ୍ୱତନ୍ତ୍ର । ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ଓଡିଆ ଗୃହିଣୀ ଘରର ଯାବତୀୟ କାମ ଏକାକିନୀ କରି ଗୃହସ୍ଥକୁ ଅର୍ଥନୈତିକ ଦୃଷ୍ଟିରୁ ଲାଭବାନ କରାଇଥାଏ । ଏହା ଯେ କେବଳ ଏକ ସ୍ୱଳ୍ପବ୍ୟୟୀ ବ୍ୟବସ୍ଥା ତାହା ନୁହେଁ ; ଏହା ମଧ୍ୟ ପାରିବାରିକ ଅର୍ଥ ସଞ୍ଚୟରେ ସହାୟକ ହୋଇଥାଏ । ଓଡିଆରେ ଗୋଟିଏ ଖୁବ୍ ଲୋକପ୍ରିୟ ଢଗର ଅବତାରଣା କରାଯାଇପାରେ । 'ମାଗି ଆଣିଲା ତିଅଣ ହାପୁଡେ'ଅର୍ଥାତ୍ ଓଡିଆ ଗୃହିଣୀ ନିଜ ପରିବାର ଚଳାଇବା ସମୟରେ 'ମୁଠି ଚାଉଳ'ରଖି ବରଂ ନିଅଣ୍ଟିଆ ସମୟରେ ଚଳାଏ, ମାତ୍ର ମାଗିବାକୁ ବା ଉଧାର ମାଗିବାକୁ ପସନ୍ଦ କରେ ନାହିଁ । ସେ ସାମାଜିକ ସ୍ୱୀକୃତିକୁ ଖୁବ୍ ମହତ୍ତ୍ୱ ଦିଏ । କଥାରେ ଅଛି 'ଲୋକେ କ'ଣ କହିବେ' । ତେଣୁ ଓଡିଆ ଘର ଓ ପରିବାର ସମମସ୍ତ ସାମାଜିକ ନିୟମକୁ ମାନି ଚଳନ୍ତି ।

ଘରକରଣା ! ଓଡିଆ ଘର କରଣା । ଏଥିମଧ୍ୟରେ ରହିଛି ପରିବାର ଗଠନ, ଘର ପରିଚାଳନା, ଏକତ୍ର ବସବାସ, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା, ସାମାଜିକ ସ୍ୱୀକୃତି ଓ ଏକ ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ଆଚରଣ ବିଧି । ପ୍ରଥମେ ପରିବାର ଗଠନ । ଓଡିଆ ପରିବାରଟିଏ ସାଧାରଣତଃ ଯୌଥ ପରିବାର, ଅବଶ୍ୟ ସହରୀ ସଭ୍ୟତାର ବିକାଶ, ଶିକ୍ଷା, ସମୃଦ୍ଧି, ଯୋଗାଯୋଗ ବ୍ୟବସ୍ଥାର କ୍ରମୋନ୍ନତି, ପାରିବାରିକ ବୃତ୍ତିରେ ବିଲୋପ ତଥା ପାରମ୍ପରିକ ମୂଲ୍ୟବୋଧର ଅବକ୍ଷୟ ନୂତନ ଐକୀକ ପରିବାରର ବୃଦ୍ଧି ଫଳରେ ସ୍ଥଳବିଶେଷରେ ଯୌଥ ପରିବାର ପରମ୍ପରାର ପତନ ଘଟିଲାଣି । ତା'ପରେ ଘର ପରିଚାଳନା । ଓଡିଆ ପୁରୁଷ ଘରର ମୁଖ୍ୟ ଉପାର୍ଜନକାରୀ । ସେ ଘରର ଚାରିକାନ୍ଥର ବାହାରକୁ ଯାଇ ଆୟର ପନ୍ଥା ଅନ୍ୱେଷଣ କରେ । ତେଣୁ ଓଡିଆରେ ଗୃହକର୍ତ୍ତାଙ୍କୁ ସମ୍ବୋଧନ କଲାବେଳେ ଘରଲୋକେ 'ବାହାରଆଡ'ବୋଲି କହିଥାନ୍ତି । ସେହିପରି ସ୍ତ୍ରୀଲୋକମାନେ ଘର ଭିତରର ସମସ୍ତ କଥା ବୁଝୁଥିବାରୁ ସେମାନଙ୍କୁ 'ଭିତର ଆଡ'ବୋଲି କହିଥାଆନ୍ତି ।ଏକତ୍ର ବସବାସ କରିବା ମଧ୍ୟ ଓଡିଆ ଘରର ଅନ୍ୟ ଏକ ସୁଖ ଲକ୍ଷଣ । ବିଭିନ୍ନ ବନ୍ଧୁବାନ୍ଧବ ଓ ପରିବାରର କୁଟୁମ୍ବଗତ ସମ୍ପର୍କ ଅନୁଯାୟୀ ଓଡିଆ ପରିବାରଟିଏ ଗୋଟିଏ ଘରେ ରହିଥାଏ । ପୁଅ ବୋହୁ ଆଦି ପୁଅର ମୌଳିକ ପରିବାରରେ ରହନ୍ତି । ଅବଶ୍ୟ କର୍ମକ୍ଷେତ୍ର ବା ଚାକିରୀକ୍ଷେତ୍ରରେ ଦୂରତା ତଥା ଅନ୍ୟାନ୍ୟ କାରଣରୁ ମଧ୍ୟ ଏହି ଏକତ୍ର ବାସ କରିବା ପରମ୍ପରାରେ ସଂପ୍ରତି ପରିବର୍ତ୍ତନ ଦେଖାଦେଲାଣି ।

ଭାରତୀୟ ସଂସ୍କୃତିର ପ୍ରାଣବୀଜ ହେଉଛି ଧର୍ମ । ଅବଶ୍ୟ ଲୋକାଚାର, ପରମ୍ପରା, ଜୀବନ-ଯାତ୍ରା ଓ ସାମାଜିକ ଚଳଣୀ ମଧ୍ୟ ସଂସ୍କୃତିର ଅନନ୍ୟ ବୈଶିଷ୍ଟ୍ୟ । ନିଜର ଐହିକ ଏବଂ ପାରତ୍ରିକ କଲ୍ୟାଣ ସାଧନ ପାଇଁ ଓଡିଆ ଗୃହିଣୀ ପାଳନ କରିଥାଏ ବାରମାସରେ ତେର ପର୍ବ । ବିଭିନ୍ନ କାରଣ, ସ୍ଥାନ, କାଳ, ପାତ୍ର, ଧର୍ମଭାବନା ସହିତ କୃଷି, ଶିଳ୍ପ, ବାସ୍ତୁଶାସ୍ତ୍ର, ପରିବେଶ, ବ୍ରତ, ବିଭା ଭଳି ସାମାଜିକ ଚଳଣି ପାଇଁ ସେ ପାଳନ କରିଥାଏ ବହୁ ଓଷା ବ୍ରତ । ଧୂଳିଆ ଗୁଣ୍ଡିଚା କାଦୁଆ ଗହ୍ମା, ଆରିଦ୍ରାର ହାଣ୍ଡିରେ ଶୀତ, ମକରରେ ବକର, ଗହ୍ମା ପୁନେଇଁରେ ମାମୁଁ ମାଇଁ, ପୂର୍ଣ୍ଣିମା ଅମାବାସ୍ୟାରେ ଯେ କରଇ ହଳ, ତା' କପାଳେ ଦୁଃଖ କେବଳ- ଏହିଭଳି ବହୁ ଧର୍ମଭାବନା ପୂର୍ଣ୍ଣ ପରମ୍ପରା ରହିଛି । ଓଡିଆ ଗୃହିଣୀ ସରଳ ଓ ନିରାଡମ୍ବର ଭାବରେ ବଞ୍ଚିବା ସହ ନିଜ ଘରକୁ ସଜାଇଥାଏ । ଓଷାବ୍ରତ ବାରରେ ଘରେ ଚିତା ଓ ଝୋଟି ପକାଇବା ଓ ମାଟିଘରେ ଗୋବର ଲିପି ତାକୁ ପରିଷ୍କାର ରଖିବା ଓଡିଆଣୀର ଅନ୍ୟତମ ଦୈନନ୍ଦିନ କାର୍ଯ୍ୟ । କଥାରେ ଅଛି ଆଚାରେ ଲକ୍ଷ୍ମୀ, ବିଚାରେ ଭଦ୍ରତା ଅଥବା ସଭ୍ୟ । ସଦାଚାର ଗୁଣରେ ଗୋଟିଏ ଜାତି ସୁସ୍ଥ ତଥା ବଳିଷ୍ଠ ସମାଜ ଗଠନ କରି ବଞ୍ଚିପାରେ । ମାନସିକ ଐଶ୍ୱର୍ଯ୍ୟ ଓ ପାର୍ଥିବ ଧନସମ୍ପତ୍ତି ଲାଭକରି ଦୁନିଆରେ ସେହି ଜାତି ମୁଣ୍ଡଟେକି ରହିପାରେ । ସଦାଚାରୀ ସମାଜ ପ୍ରତି ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ସେହିପରି ଉତ୍ତମ ଭାବ, ବିବେକବୋଧ, ଅନ୍ୟ ପ୍ରତି ସହାନୁଭୂତି, ପାପପୁଣ୍ୟ, ଭଲମନ୍ଦ ବିଚାର ଯେଉଁ ସମାଜରେ ଥାଏ, ସେହି ସମାଜ ଭଦ୍ର ସମାଜ ନାମରେ ଅଭିହିତ ହୁଏ । ଏଣୁ ସଂସ୍କାରୀ ଓ ସଦାଚାରୀ ସୃଷ୍ଟି ଦଗରେ ସେ ଯତ୍ନଶୀଳା । ସହନଶୀଳତା ଅଥବା ସହିଷ୍ଣୁତା ସେ ସ୍ୱୟଂ ଧରିତ୍ରୀ । ଓଡିଆ ସଂସ୍କୃତିର ଉ ।ନ ପତନ ଓ ପୁନରୁଥାପନ ପାଇଁ ଓଡିଆ ଘରଣୀର ଦାନ ଅତୁଳନୀୟ । ଓଡିଆ ଘର ସୁପରିଚାଳିତ ହେଲେ ଓଡିଆ ଜାତି ସୁସମୃଦ୍ଧ ହୋଇପାରିବ ଏହି କଥାକୁ ଗଣ୍ଠିଧନ କରିଛି ସେ ।

ନାରୀ ପ୍ରକୃତି, ସୌନ୍ଦର୍ଯ୍ୟର ମୂର୍ତ୍ତିମତୀ ବିଗ୍ରହ । ସମାଜ ପାଇଁ ନାରୀ ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରେମ, ପ୍ରଣୟ ଓ ଆତ୍ମୀୟତାର ଅବେଷ୍ଟନୀ ସୃଷ୍ଟି କରେ ନାରୀ । କାୟିକ, ମାନସିକ, ପାରିବାରିକ ଓ ନୈସ୍ୱର୍ଗିକ ବନ୍ଧନ ସୂତ୍ର ହେଉଛି ନାରୀ । ନାରୀର ଅମର୍ଯ୍ୟାଦା ସମାଜର କଳଙ୍କ । ସେ କନ୍ୟା ହେଉ ବା ଭାଗିନୀ ହେଉ, ସେ ପ୍ରିୟା ହେଉ ବା ପତ୍ନୀ ହେଉ, ସେ ମାତା ହେଉ କି ମାତୃତୁଲ୍ୟା ଗୁରୁଜନ ହେଉ, ସବୁଠି ଅଛି ଏକ ମଧୁଝରା ହସ, ତ୍ୟାଗପୁତ ମୁଖମଣ୍ଡଳ ଓ ସ୍ନେହଶ୍ରଦ୍ଧାର ଇନ୍ଦ୍ରଜାଲ । ତାହା ହିଁ ଆମର ନମସ୍ୟ । ସେ ଜାୟା ହେଉ ବା ଭଗ୍ନୀ ହେଉ, ତା'ର ସ୍ୱାର୍ଥତ୍ୟାଗ, ବଳିଦାନ ଓ ଜୀବନକୁ ମନୋଜ୍ଞ ସୁନ୍ଦର କରିବାର ପରିକଳ୍ପନା ସର୍ବଦା ସ୍ୱୀକାର୍ଯ୍ୟ । ସେଥିପାଇଁ ତ କୁହାଯାଏ ଯେଉଁ ଘରେ ନାରୀମାନଙ୍କର ପୂଜା ହୁଏ ସେହିଘରେ ଦେବତାମାନେ ବାସ କରନ୍ତି ।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## କବିତା କୋଣାର୍କ

### ଚେତନାର ସ୍ୱର..

**ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

ସ୍ୱାର୍ଥ ଧୂଆଁରେ କବଳିତ ଆଜି
ଧର୍ମର ବଡ଼ ଦାଣ୍ଡ
ଚୋର ତସ୍କର ସାଜିଛନ୍ତି ଏଠି
ଶାସନର ମେରୁଦଣ୍ଡ ।

ମାତାଲ ଦେଉଛି ଧର୍ମ ଉପଦେଶ
ବଡ଼ ପଣ୍ଡାଟିଏ ହୋଇ
ପାପ ପୁଣ୍ୟର ହିସାବ ରଖୁଛି
ଶୁଣ୍ଡି ଦୁଆରେ ଯାଇ ।

ଲାଞ୍ଚୁଆ ଦେଉଛି ସଚ୍ଚୋଟ ବାର୍ତ୍ତା
ପୋଥିକୁ ଧରାଇ ହାତେ
ତୋଷାମୋଦିଆର ବ୍ୟାଖ୍ୟା କରୁଛି
ଚାଟୁକର ସାଧମତେ ।

ଚରିତ୍ରହୀନଟା ସଂସ୍କାର ଶିଖାଏ
ସଂସ୍କାର ସମାଜ ସଯାଉଛି ତାକୁ
ଶ୍ରେଷ୍ଠ ଧର୍ମଗୁରୁ ବୋଲି ।

ପାଗଳ କରୁଛି ନ୍ୟାୟ ବିଚାର
ମୁଖ୍ୟ ନ୍ୟାୟଧୀଶ ହୋଇ
ଧର୍ମର ଦେବୀ କଳାପଟି ବାନ୍ଧି
ନୀରବେ ଯାଉଛି ସହି ।

ମୂର୍ଖ ଦେଉଛି ଗ୍ରାମେ ଗ୍ରାମେ ଶିକ୍ଷା
ଚାଟଶାଳୀ ମାନ ଖୋଲି
ନାଳିପାଣି କଳାଟଙ୍କା ପଛେ ପଡ଼ି
ସଭ୍ୟତା ଯାଆନ୍ତି ଭୁଲି ।

ପଙ୍ଗୁ ସାଜିଛି ରଣକ୍ଷେତ୍ରେ ଯୋଦ୍ଧା
ହାତରେ ଧରି କୃପାଣ
ପ୍ରଳାପ କରୁଛି ଗୋଡ଼ାଇ ଗୋଡ଼ାଇ
ହରିବ ସଭିଙ୍କ ପ୍ରାଣ ।

ଆଖି ଦେଖାଉଛି ମାଦଳଟେ ଆଜି
କାଟିବ ଶରୀର, ଶିର
ନୀରବ ରହୁଛି ପୂର୍ଣ୍ଣାଙ୍ଗ ଶରୀର
ଦେଖି ଧର୍ମ ଆଖି ଠାର ।

ଧର୍ମ ଅଧର୍ମର ନାହିଁ ବିଚାର
ନାହିଁ ଆଉ ପାପ ପୁର୍ୟ
ନିଜର ବୁଦ୍ଧି ବିବେକ ବଳରେ
ନିଜକୁ କର ହେ ଧନ୍ୟ...
ନିଜକୁ କର ହେ ଧନ୍ୟ

+ ଚକାପଦା, ବେଗୁନିଆ,
ଖୋର୍ଦ୍ଧା
ମୋ: ୯୧୭୮୪୭୫୪୩୭

### ହସିବ ଆମରି ଧରା..

**ଧୀରେନ୍ଦ୍ର ମଲ୍ଲିକ**

ସକାଳୁ ନିଇତି ସଅଳ ଉଠିବି
ଅଳସୁଆ ହେବି ନାହିଁ,
କରିବି ବ୍ୟାୟାମ ଯୋଗ ପ୍ରାଣାୟାମ
ନିରୋଗ ରହିବା ପାଇଁ,,

ଚିତ୍ତ ଶୁଦ୍ଧ ରଖି ବିଦ୍ୟାଳୟ ଯିବି
ହରିଙ୍କୁ ସ୍ମରଣ କରି,
ମନ ଲଗେଇକି ପାଠ ମୁଁ ପଢ଼ିବି
ସୁନା ପିଲାଟିଏ ପରି,,

ମଧୁର ବଚନ କହିବି ସର୍ବଦା
ସଭିଙ୍କର ପ୍ରିୟ ହେବି,
ଶାନ୍ତି ଧିର ନମ୍ର ସ୍ୱଭାବେ ବଢ଼ିବି
ପ୍ରଭୁଙ୍କ ଆଶିଷ ଲଭି,,

ବଡ଼ଙ୍କୁ କରିବି ଭକ୍ତି ସନମାନ
ସାନଙ୍କୁ ଆଦର ସ୍ନେହ,
ପଡ଼ିବିନି କେବେ ଫାନ୍ଦରେ କାହାର
ଗ୍ରାସିବନି ଲୋଭ ମୋହ,,

ସମାଜ ସେବାରେ ରଖିଥିବି ମନ
ଚାହିଁବିନି କା'ର ମନ୍ଦ,
ସଭିଙ୍କୁ ଭାବିବି ଆପଣାର ଲୋକ
ନ କରି କପଟ ଛନ୍ଦ,,

ପରିବେଶ ଆମ ସୁରକ୍ଷା ପାଇଁକି
ଲଗେଇବି ନାନା ଚାରା,
ସବୁଜ ବନାନୀ ସ୍ୱଚ୍ଛତାକୁ ଦେଖି
ହସିବ ଆମରି ଧରା,,

ପ୍ରଦୂଷଣ ମୁକ୍ତ କରିବି ଭାରତ
ଏହା ମୋର ଅଭିଳାଷ,
ସଚେତନତାର ବାର୍ତ୍ତା ଦେଉଥିବି
କରି ଜନ ସମାବେଶ,,

ସଭିଙ୍କ ହୃଦୟେ ଭାଇଚାରା ସୃଷ୍ଟି
ଜାଗ୍ରତ କରିବା ପାଇଁ,
ସହଯୋଗ କର ପ୍ରିୟ ମିତ୍ରଗଣ
ସାହାହେବେ ପ୍ରଭୁ ସାଇଁ,,

+ ନିଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ମୋ: ୭୯୦୪୩୯୨୬୮୬

# ମାଟି ଦୀପ

**ପ୍ରଭାକର ଦାସ**

ଦୀପାବଳୀ ଅମାବାସ୍ୟା ଓ ଶିବରାତ୍ରି ସମୟରେ ଆମ ଗାଁ ବନା ମା'ର ମାଟି ଦୀପର ଗ୍ରହିଦା ଖୁବ୍ ବଢ଼ି ଯାଇଥାଏ। ଖାଲି ଆମ ଗାଁ ନୁହେଁ, ଆଖପାଖ ଗାଆଁ ମାନଙ୍କରୁ ମଧ୍ୟ ଲୋକେ ଆସି ତା ପାଖରୁ ବିଭିନ୍ନ ଆକାରର, ବିଭିନ୍ନ ଧରଣର ସୁନ୍ଦର ସୁନ୍ଦର କାର୍ଯ୍ୟ ହୋଇଥିବା ମାଟିଦୀପ ସବୁ କିଣି ନେଇଥାନ୍ତି। ଏଇ ମାଟି କାମ କରିବା, ମାଟି ତିଆରି ହାଣ୍ଡି, ଆଟିକା, ସରା, ଠେକି, ମାଠିଆ, ପଲମ ଆଦି ତିଆରି କରି ବିକିବା ତାର କୁଳ ବେଉସା। ହେଲେ ତା ପରି ସୁନ୍ଦର ମାଟି ଦୀପ ତିଆରି କରିବାର ସ୍ୱତନ୍ତ୍ର ଦକ୍ଷତା ଆଉ କାହା ପାଖରେ ଦେଖାଯାଏନି । ଏବେ ମାଟି ତିଆରି ସାମଗ୍ରୀର ଗ୍ରହିଦା ଆଉ ନାହିଁ, ତା ସ୍ଥାନ ଆଲୁମିନିୟମ୍ ସାମଗ୍ରୀ ଦଖଲ କରିସାରିଲାଣି ଅନେକ ଦିନରୁ, ତଥାପି ବିଭିନ୍ନ ପର୍ବ ପର୍ବାଣୀରେ, ଗାଁ ତଥା ସହରରେ, ମନ୍ଦିର ଓ ମଠାଦିରେ ଏଇ ମାଟି ହାଣ୍ଡି, ମାଠିଆଦିର ଗ୍ରହିଦା ଏଯାଏ କମିନି, ବରଂ ବେଶୀ ହେଉଥିବାର ଲକ୍ଷ୍ୟ କରାଯାଉଛି। ବନାମାଆ - ସ୍ୱାମୀ ଚକର ବେହେରା, ଜାତିର କୁମ୍ଭକାର। ଆମଗାଁରେ ତାଙ୍କ ସମ୍ପ୍ରଦାୟର ପ୍ରାୟ ସାତ, ଆଠ ପରିବାର ବହୁ ଦିନରୁ ସ୍ଥାୟୀ ଭାବରେ ବସବାସ କରି ଏଇ ମାଟି ସାମଗ୍ରୀ ତିଆରି ପେଟ ପୋଷି ଆସୁଛନ୍ତି। ସେମାନଙ୍କର ଚ୍ଚଷଜମି ଖୁବ୍ କମ୍। କାହାରି କାହାରି ଗାଁ ପାଖ ନଈକୂଳିଆ ପାଳଜାଗା ମଧ୍ୟ କିଛି କିଛି ଅଛି। ସେଥିରେ ପନିପରିବା ଚ୍ଚଷ କରିଥାନ୍ତି। ନଈପାଖିଆ ବାଲିମିଶା ମାଟି ଏବଂ ଗାଁ ଠାରୁ ଅଳ୍ପ ଦୂରରେ ଥିବା ଜଙ୍ଗଲରୁ ସହଜରେ ଜାଳେଣି କାଠ ମିଳି ପାରୁଥିବା ଯୋଗୁଁ ଏମାନଙ୍କ ମାଟିକାମ ବ୍ୟବସାୟ ଭଲରେ ଚ୍ଚଲୁଥିଲା। ଏବେ ଜଙ୍ଗଲରୁ କାଠ ମିଳୁନି, ଯାହା ମିଳୁଛି ତାହା ପର୍ଯ୍ୟାପ୍ତ ନୁହେଁ, ଜଙ୍ଗଲ କର୍ମଚ୍ଚରୀଙ୍କୁ ହାତ ଗୁଞ୍ଜାନ ଦେଲେ ହୁଏନି। ନଈପାଖ ମାଟି ମଧ୍ୟ ଆଣିବାରେ କଟକଣା। ତା ସାଙ୍ଗକୁ ଆଲୁମିନିୟମ୍ ଜିନିଷର ଗ୍ରହିଦା ଏମାନଙ୍କର ଏଇ ମାଟି ସାମଗ୍ରୀର ବେଉସାକୁ ପୁରା ବନ୍ଦ କରି ସାରିଲାଣି। ଏମାନଙ୍କ ଯୁବପିଢ଼ୀ ଏବେ ନିଜର କୁଳ ବେଉସା ଛାଡ଼ି ଅନ୍ୟକାମ କଲେଣି। କେହି କେହି ପରିବା ବ୍ୟବସାୟ କରୁଛନ୍ତି ତ କେହି ବାହାରକୁ ଯାଇ ବିଭିନ୍ନ ସଂସ୍ଥାରେ କାମ କରୁଛନ୍ତି ପେଟ ପାଇଁ। ଅଳ୍ପ କିଛି ଯୁବକ ଚ୍ଚକିରୀ ମଧ୍ୟ କରନ୍ତି। କିଛି ଯୁବକ ଚ୍ଚକିରୀ ପାଇଁ ସୁଦୂର ଗୁଜୁରାଟ, ଗୋଆ, ମହାରାଷ୍ଟ୍ର, ବାଙ୍ଗାଲୋର (କର୍ଣ୍ଣାଟକ) ପ୍ରବୃତ୍ତିସ୍ଥାନକୁ ଚ୍ଚଲି ଯାଉଛନ୍ତି। ସେଇଥିପାଇଁ ତ ଆମ ଦେଶର କେନ୍ଦ୍ରିୟ ନେତୃବୃନ୍ଦ ଆମ ରାଜ୍ୟ ଓଡ଼ିଶାକୁ ଏକ ଗରିବ, ଖଟିଖିଆ ରାଜ୍ୟ ବୋଲି ପରିହାସ ମୂଳକ ଭାଷଣ ଦେଉଥନ୍ତି ଆଉ ଆମେ ତାହା ଶୁଣି, କର୍ଣ୍ଣ ପବିତ୍ର କରି କରତାଳି ଦେଇ ସେମାନଙ୍କୁ ବଧେଇ ଜଣାଇଥାଉ। ଚକରା ବେହେରା ଚ୍ଚଷଜମି ମାତ୍ର ଅଧା ଏକର ଏବଂ ନଈପାଖ ପାଳଜମି ପ୍ରାୟ ଏକ ଏକର, ସେଥିରେ ସେ ପନିପରିବା ଚ୍ଚଷକରି ଗୁରୁରାଣ ମେଣ୍ଟାଏ । ସେ ଯାହାହେଉ, ଚକରା ବେହେରାର ପୌଢ଼ାବସ୍ଥା ଯାଏ ଏଇମାଟି ସାମଗ୍ରୀର ବେଶ୍ ଗ୍ରହିଦା ଥିଲା ଏବେ ତାହା ମାନ୍ଦା ପଡ଼ିଗଲାଣି, ତାର ଦି ଝିଅକୁ ଭଲଘର ଦେଖି ସ୍ୱଜାତିରେ ଅନ୍ୟଗାଁରେ ବାହା ଦେଇସାରିଛି, ସବା ସାନ ପୁଅ ବନା ବେଳକୁ ବେଉସାରେ ମାନ୍ଦା ଅବସ୍ଥା ଆସି ଏକ ପ୍ରକାର ଅଚଳାବସ୍ଥାରେ ପହଞ୍ଚି ସାରିଲାଣି। ରୋଜଗାର ପାଇଁ ବନା ମଧ୍ୟ ଗାଁର ଅନ୍ୟ କିଛି ଯୁବକଙ୍କ ସହିତ ସୁଦୂର ଗୋଆ ଚ୍ଚଲିଗଲା। ତେବେ ବନା-ମା'ର ମାଟି ଦୀପ ବ୍ୟବସାୟକୁ ସେ ପୂର୍ବପରି ଚ୍ଚଲୁ ରଖିଥିଲା ଗ୍ରାହକଙ୍କ ଆଦର ଯୋଗୁଁ। ଆମ ଓଡ଼ିଶାରେ ପ୍ରାୟ ପ୍ରତିବର୍ଷ ଶରତ ଋତୁରେ ବାତ୍ୟା, ମହାବାତ୍ୟା ହୋଇ ଅନେକ ଧନ, ଜୀବନ ହାନି ଘଟାଇଥାଏ। ଗତ ବର୍ଷ ଯେଉଁ ବାତ୍ୟା ହେଲା ତାର ସରକାରୀ ନାମ ଦିଆଗଲା "ଫଣୀ" ଏଇ "ଫଣୀ"ରେ ଆମ ଗାଁର ମଧ୍ୟ ଅନେକ ମାଟ-ଚାଳଘର ଭାଙ୍ଗି ମାଟିରେ ମିଶିଗଲା। ସେଇଥିରେ ଚକରା ବେହେରାର ଚ୍ଚଳଘର ମଧ୍ୟ ବାଦ୍‌ପଡ଼ିନଥିଲା। ମାଟି ଗଦା ତଳେ ଚକରା ମଧ୍ୟ ପୋତି ହୋଇ ପଡ଼ିଲା ତେବେ ଗାଁର କିଛି ଲୋକ ତାକୁ ମାଟି ତଳୁ ଆହତ ଅବସ୍ଥାରେ ଉଦ୍ଧାର କଲେ ସତ ; କିନ୍ତୁ ତା ମେରୁ ଦଣ୍ଡଟା ପୁରା ଭାଙ୍ଗି ଯାଇଥିବାରୁ ସେ ଆଉ ଠିଆ ହୋଇ ପାରିଲାନି ପ୍ରାୟ ଛମାସ କାଳ ବିଛଣାରେ ପଡ଼ି ପଡ଼ି ଆର ପାରିକୁ ଟିକଟ କାଟିଲା ବନା ମା'କୁ ଏଦୁନିଆରେ ଏକା ଛାଡ଼ି ଦେଇ। ବାତ୍ୟାଖବର ଶୁଣି ବନା ମଧ୍ୟ ଗୋଆରୁ ପଳାଇ ଆସିଲା, ହେଲେ ବାପକୁ ବଞ୍ଚାଇ ପାରିଲାନି। ବାତ୍ୟା ସହାୟତା ଟଙ୍କା ଯାହା ସରକାରଙ୍କ ତରଫରୁ ମିଳିଲା ସେଥିରୁ ଅର୍ଦ୍ଧାଧିକ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବରଙ୍କ ପକେଟକୁ ଗଲା, ସେମାନେ ହେଲେ ମାଲେମାଲ୍। ଏଇ ବାତ୍ୟାଗୁଡ଼ିକ ସେମାନଙ୍କ ପାଇଁ ଆର୍ଶୀବାଦ ସ୍ୱରୂପ ହୋଇଥାଏ। ବାକି ମିଳିଥା ଟଙ୍କାରେ ମା, ପୁଅ ମିଶି ଭଙ୍ଗା ଘରକୁ ପୁଣି ସଜାଡ଼ିଲେ। ବାପର ମୃତ୍ୟୁପରେ ପୁଅ ବନା ପୁଣି ଗୋଆକୁ ଯିବାକୁ ବାହାରିଲାରୁ ମା ମନା କଲା। କହିଲା" ପୁଅ-ଦୂର ପର୍ବତ ସୁନ୍ଦର ଦିଶେ-ହେଲେ ପାଖକୁ ଗଲେ "ନାଁ ତୋର ଆଉ ବାହାରକୁ ଯିବା ଦରକାର ନାହିଁ, ଏଇ ଆମ ଗାଁ ମାଟି - ଇଏ ମାଟି ନୁହେଁ ମାଆ-ଟି, ଏଇଠି ଏଇ ମାଟିରେ ତୁ ଫଳେଇ ପାରିବୁ, ଆମରି ନଈ କୂଳିଆ ସେଇ ପାଳରେ ତୁ ପନିପରିବା ଚ୍ଚଷକରି ବିକ୍ରିକର। ଦେଖିବୁ ବାହାରୁ ଆଣୁଥିବା ଟଙ୍କାଠୁଁ ବେଶୀ ପାଇବୁ, ପୁଅ ବନା ମଧ୍ୟ ମାଆ କଥାରେ ରାଜି ହୋଇ ସେଇଆ କଲା, ଆଉ ଗୋଆ ଯିବାକୁ ମନ କଲାନି। ବନା ମାଆର ମାଟି ଦୀପ କାରବାର କିନ୍ତୁ ଠିକ୍ ଠାକ୍ ଚ୍ଚଲିଥାଏ, ଏଥିରେ ତା ପୁଅ ମଧ୍ୟ ସହାୟତା କରେ, ଯଥା - ଜାଳଣି ସଂଗ୍ରହ କରିବା, ଦୀପଗୁଡ଼ିକ ଖରାରେ ଶୁଖାଇବା, ଉଟିରେ ସଜାଡିରଖି ପୋଡ଼ିବା ଇତ୍ୟାଦି। ଗତକାଲି ଥିଲା ଜାଗର ଚତୁର୍ଦ୍ଦଶୀ, ସେ ନିଜେ ମଧ୍ୟ ଉଜାଗର ରହି ଗାଁ ଶିବମନ୍ଦିରରେ ଜାଗର ଜାଳି ଥିଲା। ଆମ ଗାଁ ଶିବ ମନ୍ଦିରଟି ମଧ୍ୟ ଅନେକ ପୁରୁଣା। ଜାଗର ଦିନ ଶତାଧିକ ଶ୍ରଦ୍ଧାଳୁ ସେଠାରେ ଦୀପଜାଳି ରାତିଉଜାଗର ଥାନ୍ତି। ରାତିରେ ପ୍ରତିବର୍ଷ ଗାଁ ଲୋକଙ୍କ ଦ୍ୱାରା ଯାତ୍ରା (ଅପେରା)ର ଆୟୋଜନ କରାଯାଇଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ। ଭୋର ବେଳକୁ ମନ୍ଦିରର ମହାଦୀପ ଉଠିଲା ଏବଂ ତାର ଅଧଘଣ୍ଟା ପରେ ଅପେରା ମଧ୍ୟ ଶେଷ ହେବାରୁ ଉପସ୍ଥିତ ଭକ୍ତାଳୁମାନେ ମନ୍ଦିର ପରିସରରୁ ନିଜନିଜ ଘରକୁ ଫେରିବାକୁ ଲାଗିଲେ। ବନା ମା' କିନ୍ତୁ ନିଜ ଜାଗାରୁ ନଉଠି ସେଇଠି ଶୋଇ ପଡ଼ିଥିବାର ଦେଖି ପାଖରେ ବସିଥିବା ଦି ଜଣ ତାକୁ ଡ଼ାକିଲେ, କିନ୍ତୁ ସେ ନଶୁଣି ବାରୁ ତାକୁ ଧରି ଜୋରରେ ହଲାଇ ଦେବାରୁ ସେ ନଉଠି ଆଉ ପାଖକୁ ଲେଉଟି ପଡ଼ିଲା ହାତ ଦିଟାକୁ ଲିଭିଯାଇଥିବା ଦୀପଆଡକୁ କରି। ଦୀପରେ ତେଲ ସରିଯାଇଥିବାରୁ କେତେବେଳୁ ତାହା ଲିଭିଯାଇଥିଲା, ଖାଲି ଟିକେ ପାଉଁଶକୁ ଛାଡ଼ି। ବନା ମା'ର ମାଟିଦୀପ-ଦେହଟାରୁ ମଧ୍ୟ ତେଲ ସରିଯାଇଥିଲା ଆଉ ତାର ଜୀବନ-ଜ୍ୟୋତି ଲିଭିଯାଇଥିଲା କେତେବେଳୁ ମହାଦେବଙ୍କ ଆଡ଼େ ଅନାଇ ଅନାଇ। ମହାଦୀପ ସହିତ ତାହାମଧ୍ୟ ଉଠିଯାଇଥିବା ଅନେକ ଉପରକୁ ଯେଉଁଠୁ ଆଉ କେବେ ବି ଫେରିବନି, ଫେରିବାର ନୁହେଁ।

+ ସମ୍ପାଦକ "ବିବର୍ତ୍ତନ"
ମୋ-୯୪୩୮୬୮୨୬୨୭

## କବିତା କୋଣାର୍କ

### ଜୀବନର ହାଟ ସଉଦା..

**ଅମରନାଥ ବାରିକ୍**

ନିତି କିଣୁଥିଲି ପାପ ଆଉ ପୁଣ୍ୟ
ସୁଖର ଦୁଃଖର ସଉଦା
ଭରୁଥିଲି ଝୋଲି ଜୀବନ ହାଟରେ
କଳା ଓ ଧଳାର ପରଦା ।

କଳା ପରଦାଟି ଛାଡ଼ି ଚାଲିଯିବି
ଏହି ରଙ୍ଗମଞ୍ଚ ଭିତରେ
ଧଳା ପରଦାଟି ଉପରେ ଢାଙ୍କିବେ
ଦେହାନ୍ତ ସମୟ ହୋଇଲେ ।

ଆସିଥିଲି ଖାଲି ଯିବି ନାହିଁ ଖାଲି
ନେଇ ଯିବି ସଙ୍ଗେ କରମ
ଯେତେ ମୁଁ କରିଛି ଅଜାଣତେ ପାପ
କ୍ଷମା ଦେବ ମତେ "ହେ ରାମ" ।

ନିଜ ସ୍ୱାର୍ଥ ପାଇଁ କରିଥିବି ଯେତେ
ଅନ୍ୟାୟ ଅସତ ଦୁଷ୍କର୍ମ
ବଡ଼ ପଣେ ପ୍ରଭୁ ବିଚାର କରିବ
ବୁଝି ମୋ ବେଦନା ମରମ ।

ଯାହା ମୁଁ କରିଛି ସବୁ ପେଟ ପାଇଁ
ଦେଇ ପାଞ୍ଚ ପ୍ରାଣୀ ମୁହଁରେ
ତୁମେ ଦେଇଥିବା ଛୋଟ ସଂସାରକୁ
ଚଳାଇଛି ପାପ ହାତରେ ।

ଏବେ ସରିଗଲା ହାଟ ସଉଦା ମୋ
କର୍ମ ରୂପି ସେହି ମୁଦ୍ରା
ସମ୍ଭାଳ ତୁମର ମାଧମ ଝୋଲିକୁ
ଆସିଲାଣରି କାଳ ନିଦ୍ରା ।

+ କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ଦୁଧୌରି

ବିହାର ଓ ଝାଡ଼ଖଣ୍ଡର ଏକ ଲୋକପ୍ରିୟ ପିଠା ଦୁଧୌରି । ପର୍ବପର୍ବାଣି ଅବସରରେ ଏହି ସୁସ୍ୱାଦୁ ପିଠା ପ୍ରାୟ ପ୍ରତ୍ୟେକ ପରିବାରରେ ପ୍ରସ୍ତୁତ ହୋଇଥାଏ । ତେବେ ଏହି ପିଠା ପ୍ରସ୍ତୁତ କରିବା ପଛରେ ବି ଏକ କାହାଣୀ ରହିଛି । କୁହାଯାଏ ନୂଆ ଧାନ ଅମଳ ପରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୂଆ ଚାଉଳରେ ପିଠା ପ୍ରସ୍ତୁତ କରାଗଲେ ବର୍ଷ ସାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ବିଶେଷକରି ଝାଡ଼ଖଣ୍ଡରେ ନୂତନ ଧାନ ଅମଳ ହେଲା ପରେ ଘରେ ଘରେ ପ୍ରସ୍ତୁତ ହୋଇଥାଏ ଦୁଧୌରି । କାରଣ ନୂଆ ଧାନରୁ ତିଆରି ହୋଇଥିବା ଚାଉଳରେ ଏକ ଭିନ୍ନ ମିଠାପଣ ଥାଏ । ଝାଡ଼ଖଣ୍ଡର ଅଧିକାଂଶ ରେସିପି ଚାଉଳରେ ପ୍ରସ୍ତୁତ ହେଉଥିଲା ବେଳେ ଦୁଧୌରି ବା ବାଦ୍ ପଡ଼ିବ କିପରି । ଦୁଧୌରି ତିଆରି ହେବାର ମୁଖ୍ୟ ଉପାଦାନ ହେଉଛି ଅରୁଆ ଚାଉଳ, କ୍ଷୀର ଏବଂ ଚିନି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେତେ ଅଧିକ ସମୟ ଲାଗେ ନାହିଁ । ଏହା ଏକ ସହଜରେ ତିଆରି ହୋଇପାରୁଥିବା ପିଠା । ସ୍ୱାଦ ମିଠା ହୋଇଥିବାରୁ ଅନ୍ୟ ରାଜ୍ୟର ଲୋକମାନେ ଦୁଧୌରିକୁ ଏକ ମିଠା ବୋଲି ଭାବନ୍ତି । କିନ୍ତୁ ଏହା ମିଷ୍ଟାନ୍ନ ଶ୍ରେଣୀରେ ଆସେ ନାହିଁ । ଶୀତଦିନ ନୂଆ ଧାନ ଅମଳ ପରେ ପରେ ସେଥିରୁ ପ୍ରସ୍ତୁତ ଚାଉଳରେ ତିଆରି ହୋଇଥିବା ଦୁଧୌରିର ସ୍ୱାଦ ଖୁବ ବଢ଼ିଆ । ସ୍ଥଳ ବିଶେଷରେ ଏହାକୁ ତିଆରି କରିବାର ପଦ୍ଧତି ସାମାନ୍ୟ ଭିନ୍ନତା ଦେଖିବାକୁ ମିଳିଥାଏ । ତେବେ ସ୍ୱାଦ ପ୍ରାୟ ସମାନ ଲାଗିଥାଏ । ଆସନ୍ତୁ ଜାଣିବା ଦୁଧୌରି କିପରି ତିଆରି କରାଯାଏ ।




**ପ୍ରସ୍ତୁତି :**

ଦୁଧୌରି ତିଆରି କରିବା ପାଇଁ ପ୍ରଥମେ କ୍ଷୀର ଦରକାର । ନାଁରୁ ହିଁ ଏକଥା ଜଣାପଡୁଛି । ଏହା ବ୍ୟତୀତ ଆଉ ଯେଉଁ ଜିନିଷଟି ଦରକାର ତାହା ହେଲା ଅରୁଆ ଚାଉଳ । ଚାଉଳ ନୂଆ ହୋଇଥିଲେ ଆହୁରି ବଢ଼ିଆ । ଯେଉଁମାନେ ପ୍ରଥମ ଥର ପାଇଁ ପ୍ରସ୍ତୁତ କରିବାକୁ ଯାଉଛନ୍ତି ସେମାନେ ଅଳ୍ପ ପରିମାଣର କ୍ଷୀର କ୍ଷ ଚାଉଳ, ଚିନି ନେଇ ଏହାକୁ ପ୍ରସ୍ତୁତ କରିବା ଦରକାର । ଭାଗମାପ ବିଗିଡ଼ିଗଲେ ହୁଏତ ସବୁ ଖରାପ ହୋଇଯିବ । ଦୁଧୌରି ପ୍ରସ୍ତୁତ ପାଇଁ କ୍ଷୀର ଅଧା ଲିଟର, ଅରୁଆ ଚାଉଳ ଅଧା କପ୍, ଚିନି ଅଧା କପ୍, ବେକିଂ ସୋଡ଼ା ଅଧା ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଚାମଚ, ମଇଦା ୧ ବଡ଼ ଚାମଚ, ଛାଣିବା ପାଇଁ ରିଫାଇନ ତେଲ ବା ଘିଅ । ଏଥର ଆସନ୍ତୁ ଜାଣିବା ଏହାକୁ କିପରି ପ୍ରସ୍ତୁତ କରାଯାଏ । ସବୁଠୁ ପ୍ରଥମେ ଏକ ଡେକ୍‌ଚିରେ ବା ତଳ ମୋଟା ଥିବା ଯେକୌଣସି ପାତ୍ରରେ କ୍ଷୀର ସିଝାଇବେ । କ୍ଷୀର ଭଲ କରି ଫୁଟିଆସିଲେ ସେଥିରେ ଅରୁଆ ଚାଉଳକୁ ଧୋଇ ସେଥିରେ ମିଶାଇବେ । କ୍ଷୀରରେ ମିଶାଇବାର ଅଧ ଘଣ୍ଟା ଆଗରୁ ଚାଉଳକୁ ବତୁରାଇ ରଖିଥିଲେ ଆହୁରି ଭଲ । ଚାଉଳ ମିଶାଇଲା ପରେ ପରେ ତୁରନ୍ତ କ୍ଷୀରରେ ଗୁଜୁରାତି ଗୁଣ୍ଡ ବି ମିଶାଇ ଦେବେ । ଯେତେବେଳେ ଦେଖିବେ କ୍ଷୀରରେ ଚାଉଳ ଭଲ କରି ସିଝି ବହଳିଆ ହୋଇଆସିବ ସେତେବେଳେ ଗ୍ୟାସ୍ ବନ୍ଦ କରିଦେବେ । ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ିଦେବେ । ଦେଖିବେ ଯେତେବେଳେ ଏହି ମିଶ୍ରଣ ଭଲ କରି ଥଣ୍ଡା ହୋଇଯିବ ଏହାକୁ ହାତରେ ଭଲ କରି ଚକଟିଦେବେ ନହେଲେ ମିକ୍ସିରେ ବାଟି ନେବେ । ଚକଟିଲା ବେଳେ କିମ୍ବା ମିକ୍ସିରେ ଦେଲା ବେଳେ ସେଥିରେ ମଇଦା ଏବଂ ବେକିଂ ପାଉଡ଼ର ମଧ୍ୟ ମିଶାଇ ଦେବେ । ଭଲ କରି ବାଟି ହୋଇଗଲା ପରେ ନିଜ ମନ ପସନ୍ଦର ପିଠା ଆକୃତିରେ ଏଗୁଡ଼ିକୁ ଗଢ଼ିବେ । ଗୋଲ୍ କରିପାରନ୍ତି ନହେଲେ ଟିକେ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିବା ବେଳେ ଆଉ ଏକ ପାତ୍ରରେ ଘିଅ କିମ୍ବା ରିଫାଇନ ତେଲକୁ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିଲା ବେଳେ ଆଉ ଏକ କରେଇରେ ବହଳିଆ ସିରା ପ୍ରସ୍ତୁତ କରିନେବେ । ତେବେ ଅତ୍ୟଧିକ ବହଳିଆ କି ଅତି ପତଳା ସିରା କରିବେ ନାହିଁ । ସିରା ପ୍ରସ୍ତୁତ ହୋଇଗଲେ ତେଲରୁ ଛାଣି ରଖିଥିବା ପିଠାଗୁଡ଼ିକୁ ସିରାରେ ମିଶାଇ ୨୦ରୁ ୨୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦେବେ । ପ୍ରସ୍ତୁତ ହୋଇଯିବ ସୁସ୍ୱାଦୁ ଦୁଧୌରି । ଏହାପରେ ସିରାରୁ କାଢ଼ି ପରବେଷଣ କରିବେ । ଯଦି ଏହାର ସ୍ୱାଦ ବଢ଼ାଇବାକୁ ଚାହୁଁଥିବେ ତେବେ ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ପରିବେଷଣ କରିବେ ।

# ବର୍ଷାଦିନେ ଘରସଜ୍ଜା





**ଘରର ସାଜସଜ୍ଜା ଆମେ ସବୁବେଳେ କରିଥାଉ । ହେଲେ ଘର ସାଜସଜ୍ଜା ଋତୁ ଅନୁସାରେ ହେଲେ ଆହୁରି ଭଲ । ଘରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ । ବର୍ଷାଦିନେ ଘରର ଡେକୋରେସନ୍ କେମିତି କରିବେ ଜାଣନ୍ତୁ କିଛି ଟିପ୍ସ ।**

**ରଙ୍ଗକୁ ଦିଅନ୍ତୁ ସ୍ଥାନ :**

ବର୍ଷାରେ ଘର କାନ୍ଥକୁ ଯେତେ ରଙ୍ଗୀନ୍ କରିବେ ସେତେ ସୁନ୍ଦର ଲାଗିବ । ହଳଦିଆ, ସବୁଜ, ଗୋଲାପୀ ପରି ପ୍ରାକୃତିକ ରଙ୍ଗ ବ୍ୟବହାର କରିପାରିବେ । ରଙ୍ଗକୁ ସ୍ଥାନ ଦେବାକୁ କାନ୍ଥରେ ରଙ୍ଗ ପରିବର୍ତ୍ତନ କରିବା ଆଦୌ ଦରକାର ନାହିଁ । ରଙ୍ଗୀନ୍ ଡିସ୍‌ପ୍ଲେ ପିସ୍, ବ୍ରାଇଟ୍ କଲର୍ ପେଣ୍ଟିଙ୍ଗସ୍, ରଙ୍ଗୀନ୍ କୁଶନ୍, ଡିଜାଇନର କ୍ୟାଣ୍ଡେଲ, କଲରଫୁଲ ବେଡସିଟ୍ ଏବଂ ଫୁଲ ଜରିଆରେ ମଧ୍ୟ ଘରେ ରଙ୍ଗର ଆଭା ଖେଳାଇ ପାରିବେ ।

**ବଦଳାନ୍ତୁ କାନ୍ଥର ଲୁକ୍ :**

ଏବେ ଘର ସାଜସଜ୍ଜା ପାଇଁ ୱାଲପେପର୍ ଏବଂ ପୋଷ୍ଟର୍ ବାଜରରେ ଉପଲବ୍ଧ । କାନ୍ଥକୁ ନୂଆ ଲୁକ୍ ଦେବା ପାଇଁ ଏହାର ବ୍ୟବହାର କରିପାରିବେ । ଯେଉଁ କାନ୍ଥର ଲୁକ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ସେଠାରେ ୱାଲପେପର୍ ଲଗାଇ ପାରିବେ । ଫ୍ଲୋରାଲ, ଜିଓମେଟ୍ରିକାଲ, ମ୍ୟୁରାଲ ପରି ୱାଲପେପର୍ ସୁନ୍ଦର ଲାଗିଥାଏ । ଅଲଗା ଅଲଗା ଡିଜାଇନର ଫଟୋ ଫ୍ରେମ୍‌ରେ ସଜାଇ ପାରିବେ ।

**ଫୁଲରେ ସଜାନ୍ତୁ :**

ଘରକୁ ମନସୁନ୍ ଫ୍ରେଣ୍ଡଲି ବନେଇବା ପାଇଁ ସବୁଠୁ ସହଜ ଉପାୟ ହେଉଛି ଫୁଲକୁ ଘରେ ସ୍ଥାନ ଦିଅନ୍ତୁ । ଏଥିପାଇଁ ଛୋଟ ରଙ୍ଗୀନ୍ ପ୍ଲାଣ୍ଟର୍ସର ବ୍ୟବହାର କରିପାରିବେ । ଏହି ପ୍ଲାଣ୍ଟର୍ସରେ ଫୁଲ ଗଛ ଲଗାଇ ବାଥରୁମ୍ ଏବଂ କିଚେନ୍‌ରେ ରଖନ୍ତୁ ।

**କିଚେନ୍‌କୁ କରନ୍ତୁ ଜୀବନ୍ତ :**

ବର୍ଷାଦିନେ ବିଭିନ୍ନ ପ୍ରକାର ଚଟପଟା ଖାଇବାକୁ ମନ ହୋଇଥାଏ । ସେଥିପାଇଁ କିଚେନ୍ ଇଣ୍ଟେରିୟରକୁ ଜୀବନ୍ତ ରୂପ ଦେବା ଜରୁରୀ । ଏଥିପାଇଁ ରଙ୍ଗୀନ୍ ଆକ୍ସେସିରିଜ, ଷ୍ଟାଇଲିଶ୍ କ୍ରିକରି, ରଙ୍ଗୀନ ଟେବଲ ମ୍ୟାଟ ଆଦିର ବ୍ୟବହାର କରନ୍ତୁ । କିଚେନ୍‌ର ସୌନ୍ଦର୍ଯ୍ୟ ଆହୁରି ବଢ଼ିଯିବ ।

**ବୁକ୍ କର୍ନର :**

ଗରମ ଗରମ ଚା' ଏବଂ କଫି ସହିତ ବହି, ବର୍ଷାର ଆନନ୍ଦ ଉଠାଇବାରେ ଯଥେଷ୍ଟ । ବର୍ଷାଦିନେ ଘରର ଗୋଟିଏ କୋଣକୁ ବୁକ୍ କର୍ନର୍‌ରେ ପରିଣତ କରନ୍ତୁ । ବହି ସଜାଇବା ପାଇଁ ବୁକ୍‌ସେଲ୍ଫ, ଆରାମଦାୟକ କାଉଚ କିମ୍ବା ଫ୍ଲୋରାଲ ଲ୍ୟାମ୍ପ ଲଗାନ୍ତୁ । ଚାହିଁଲେ ସ୍ୱିଙ୍ଗ୍ ଚେୟାର ଏବଂ ଝୁଲା ବ୍ୟବହାର କରିପାରିବେ ।

# ଗୁଏଟାମାଲାର ରଙ୍ଗୀନ ସମାଧିସ୍ଥଳ



ଗୁଏଟାମାଲା ସଂସ୍କୃତିରେ ମୃତ୍ୟୁ ପରବର୍ତ୍ତୀ ଜୀବନକୁ ଅତି ଉଚ୍ଚ ସ୍ଥାନ ଦିଆ ଯାଇଥାଏ । ଆଜି ବି ଏହି ଦେଶର ଅଧିକାଂଶ ଲୋକ ପରଜନ୍ମରେ ବିଶ୍ୱାସ କରନ୍ତି । ସେମାନଙ୍କର ଏହି ବିଶ୍ୱାସର ଝଲକ ପ୍ରତିଫଳିତ ହୋଇଥାଏ ସେହି ଦେଶର ସମାଧି ସ୍ଥଳଗୁଡ଼ିକରେ । ବିଶେଷକରି ଗୁଏଟାମାଲାର ଗାଁ ଓ ଛୋଟ ସହରଗୁଡ଼ିକର ଶେଷ ପ୍ରାନ୍ତରେ ଥିବା ସମାଧିସ୍ଥଳଗୁଡ଼ିକୁ ଦେଖିଲେ ବୁଝିହୁଏ ସେ ଦେଶର ଲୋକମାନେ ପରଜନ୍ମ ଉପରେ କେତେ ଅଧିକ ବିଶ୍ୱାସ କରନ୍ତି । କାରଣ ସେହିସବୁ ସମାଧିସ୍ଥଳରେ ଥିବା ପ୍ରତ୍ୟେକଟି ଛୋଟ ବଡ଼ ସମାଧି ସ୍ତୁପକୁ ବିଭିନ୍ନ ରଙ୍ଗରେ ରଙ୍ଗୀନ କରାଯାଇଥାଏ । ଭିନ୍ନ ଦେଶରୁ ଯାଇଥିବା କିମ୍ବା ଗୁଏଟମାଲା ସଂସ୍କୃତି ସହିତ ଅପରିଚିତ ଲୋକମାନେ ପ୍ରଥମ ଥର ପାଇଁ ଏହିଭଳି ସମାଧିସ୍ଥଳ ଦେଖି ଭ୍ରମରେ ପଡ଼ିଯାଆନ୍ତି ଯେ ତାହା ସମାଧି ସ୍ଥଳ ନା ସାଧାରଣ ଲୋକଙ୍କ ବାସୋପଯୋଗୀ ସ୍ଥାନ । ଗୁଏଟାମାଲାରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ବନ୍ଧୁ ଓ ପରିବାର ଲୋକ ମୃତ ବ୍ୟକ୍ତିଙ୍କର ସବୁଠୁ ପ୍ରିୟ ରଙ୍ଗରେ ସମାଧି ସ୍ତୁପକୁ ରଙ୍ଗୀନ କରିଥାଆନ୍ତି । ଏହି ଉପାୟରେ ସେମାନେ ନିଜ ପ୍ରିୟଜନଙ୍କୁ ମନେ ରଖିଥାଆନ୍ତି । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି ଦେଶର ସୋଲୋଆ, ସିସିକାଷ୍ଟେନାଙ୍ଗୋ ଏବଂ ଜେଲା ଭଳି ସମାଧି ପୀଠଗୁଡ଼ିକ ପର୍ଯ୍ୟଟନ ସ୍ଥଳୀ ପାଲଟିଛି । ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ଏହି ସମାଧି ସ୍ଥଳଗୁଡ଼ିକ ଜନଗହଳିରେ ଭରି ଉଠେ । ହଜାର ହଜାରର ଲୋକ ନିଜ ପ୍ରିୟଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସମାଧିସ୍ଥଳରେ ଏକତ୍ରିତ ହୋଇଥାଆନ୍ତି । ସ୍ଥାନୀୟ ଲୋକମାନେ ଯେତେ ଅଧିକ ସମ୍ଭବ ରଙ୍ଗୀନ ପୋଷାକ ପରିଧାନ କରି ସମାଧି ସ୍ଥଳରେ ଏକାଠି ହୋଇ ସମାଧି ସ୍ତୁପଗୁଡ଼ିକୁ ଫୁଲରେ ସଜାଇ ଥାଆନ୍ତି । ଏହାପରେ ସମାଧି ସ୍ଥଳ ଆଖପାଖରେ ହିଁ ପିକନିକ୍‌ର ଆୟୋଜନ କରିଥାଆନ୍ତି । ପୁଣି ଆଉ କେତେକ ସମାଧି ସ୍ଥଳରେ ଏହି ଦିନ ବିଶାଳ ଆକାରର ରଙ୍ଗୀନ ଗୁଡ଼ି ଉଡ଼ାଇବାର ପରମ୍ପରା ଆଜି ବି ପାଳିତ ହୋଇଥାଏ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଯେ ଏହି ରଙ୍ଗୀନ ଗୁଡ଼ି ମାଧ୍ୟମରେ ସେମାନେ ନିଜ ମନକଥା ଲେଖି ମୃତ ପ୍ରିୟଜନଙ୍କ ପାଖରେ ପହଞ୍ଚାଇ ପାରିବେ ।

# ଧାରୁଆ ଛୁରୀ ପ୍ରକୃତରେ ମାରାତ୍ମକ ନୁହେଁ

ଯଦି କେହି ଚକ୍‌ଚକ୍ ଦେଖା ଯାଉଥିବା ଧାରୁଆ ଛୁରୀ ଦେଖାଏ, ଆମେ ସମସ୍ତେ ଭୟଭୀତ ହୋଇଯାଉ । ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ । ଅପରାଧିକ କାମକୁ ଛାଡ଼ିଦେଲେ ଧାରୁଆ ଛୁରୀ ବ୍ୟବହାର ଅର୍ଥରେ କିନ୍ତୁ ବେଶି ନିରାପଦ । ଧାରୁଆ ଛୁରୀରେ ଯେକୌଣସି ଜିନିଷ କାଟିଲେ ବିପଦର ଆଶଙ୍କା କମ ଥାଏ । କାରଣ ଧାରୁଆ ଛୁରୀ ଦ୍ୱାରା ଅଳ୍ପ ବଳ ଖର୍ଚ୍ଚରେ ଜିନିଷଟିକୁ ସହଜରେ କାଟି ହୁଏ । କିନ୍ତୁ ଧାର ନଥିବା ଛୁରୀରେର କାଟିଲେ ଏହା ଅଧିକ ବିପଦପୂର୍ଣ୍ଣ ହୋଇଥାଏ । ଜିନିଷଟି ଭଲ ଭାବରେ ନକଟି ବଙ୍କାତେଡ଼ା ହୋଇ କଟିଥାଏ, ଯାହା ଅନେକ ସମୟରେ ଆଘାତ ମଧ୍ୟ ଦେଇଥାଏ । ଏମିତି ବି ହୋଇଥାଏ ତାହା ଯୋଗୁଁ ଗଭୀର କ୍ଷତ ସୃଷ୍ଟି କରିଥାଏ । ଏହି ଉକ୍ତି ସହିତ ବୈଜ୍ଞାନିକ କାରଣ ବି ନିହିତ ଅଛି ।



# ଭିନ୍ନ ଅବସରରେ ଭିନ୍ନ ଫ୍ୟାଶନ୍

**ଫ୍ୟାଶନେବଲ୍ ପୋଷାକ ପିନ୍ଧିବା ସମସ୍ତଙ୍କ ଭଲ ଲାଗେ । ତେବେ ସମାନ ଡିଜାଇନ୍‌ର ପୋଷାକ ପରିଧାନ କରି ସବୁ ଜାଗାକୁ ଗଲେ ହୁଏତ ଦୃଷ୍ଟିକଟୁ ମନେ ହୋଇପାରେ । ଉତ୍ସବ, ପାର୍ଟି, ଟୁର୍, ଆଉଟିଙ୍ଗ୍, ପର୍ବପର୍ବାଣୀ ଭଳି ଅବସରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପୋଷାକ ପିନ୍ଧିଲେ ଭଲ ଦେଖାଯାଏ । ବିଶେଷ ଅବସରରେ ଆପଣଙ୍କ ପୋଷାକ କିପରି ହେବା ଦରକାର ଜାଣନ୍ତୁ ଟିପ୍ସ ।**



**କଲେଜ ଫେଷ୍ଟ :**

ଡଙ୍ଗରିଜ୍, ଜମ୍ପସୁଟ, ପଲାଜୋ କଲେଜ ପଢୁଆ ଝିଅମାନଙ୍କ ପାଇଁ ଭଲ ଲାଗିବ । ଏହି ଷ୍ଟାଇଲ୍‌କୁ କଲେଜ୍ ଫେଷ୍ଟରେ ସାମିଲ କରାଯାଇପାରିବ । ଡଙ୍ଗରିଜ୍ କୁଲ୍ ଲୁକ୍ ଦେବା ସହିତ ଆରାମଦାୟକ ହୋଇଥାଏ । ଫୁଲ୍ ସ୍ଲିଭ୍ ଟପ୍ କିମ୍ବା ଟି ସାର୍ଟ ସହିତ କ୍ୟାରି କରିପାରିବେ । ଜମ୍ପସୁଟ ପିନ୍ଧୁଥିଲେ, ଫ୍ଲୋରାଲ ଜମ୍ପସୁଟ୍ ନିଅନ୍ତୁ । ଷ୍ଟାଇଲିଶ୍ ଦେଖାଯିବା ପାଇଁ ସନଗ୍ଲାସ୍ ଲଗାଇବା ଭୁଲନ୍ତୁ ନାହିଁ ।

**ବିବାହ :**

ସାଙ୍ଗ ବାହାଘରରେ ଯୋଗ ଦେବା ପୂର୍ବରୁ ପୋଷାକକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ ଆପଣ କରୁଥିବେ । ଯଦି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯିବାକୁ ଚାହୁଁଥିବେ କାଜୁଆଲ୍ ବ୍ଲାକ୍ ମ୍ୟକ୍ସି ଡ୍ରେସ୍ ପିନ୍ଧନ୍ତୁ । ଏହାକୁ ଗ୍ଲାଡିଏଟର୍ ସ୍ୟାଣ୍ଡେଲ ସହିତ କ୍ୟାରି କରନ୍ତୁ । ଗ୍ଲାମ୍ ଲୁକ୍ ଦେବାରେ ଏତିକି ଯଥେଷ୍ଟ । ଆଜିକାଲି ଗାଉନ୍ ଟ୍ରେଣ୍ଡ୍ ଅଧିକ । ବିବାହ ପାର୍ଟିରେର ନେଟ୍, ଫିସ୍‌କଟ୍, ଏ ଲାଇନ୍ ଗାଉନ୍ ପିନ୍ଧିପାରିବେ ।

**ଜନ୍ମଦିନ ପାର୍ଟି:**

ଯଦି ପାର୍ଟି ଥିମ୍ ବେସଡ୍ ତା' ହେଲେ ଅଧିକ ଚିନ୍ତା କରିବାର ନାହିଁ । କିନ୍ତୁ ପାର୍ଟି ଯଦି ଥିମ୍ ବେସଡ୍ ନୁହେଁ, ତା'ହେଲେ ଆପଣର କାଜୁଆଲ ୱିୟର ସହିତ ପିନ୍ଧିପାରିବେ । କୁଲ ଲୁକ୍ ଦେଇଥାଏ ।



**ଆଉଟିଙ୍ଗ୍ :**

ଯଦି ସି ବିଚ୍ ବୁଲି ଯାଉଛନ୍ତି ତା'ହେଲେ ଡେନିମ ସାର୍ଟ, ହାଫ୍ ପ୍ୟାଣ୍ଟ, ସର୍ଟସ୍ ଷ୍ଟାଇଲ ଭଲ ମାନିଥାଏ । ହିଲ୍ ଷ୍ଟେସନ୍ ଟୁର୍ କରୁଥିଲେ ଉଲେନ୍ ଟପ୍ ସହିତ ଜିନ୍ସ, ଟ୍ରାଉଜର ଏବଂ ଉଲେନ କୁର୍ତ୍ତି ୱିଥ୍ ଷ୍ଟୋଲ୍ ପିନ୍ଧିପାରିବେ । ସେଇ ସ୍ଥାନ ହିସାବରେ ନିଜକୁ ଷ୍ଟାଇଲିଶ୍ କରିପାରିବେ ।



**ଧ୍ୟାନ ଦିଅନ୍ତୁ:**

-ଅନ୍ୟମାନଙ୍କୁ ଦେଖି ସମାନ ଡିଜାଇନ୍ ପୋଷାକ ପିନ୍ଧନ୍ତୁ ନାହିଁ ।

-ଏମିତି ଆଉଟଫିଟ୍ ପିନ୍ଧନ୍ତୁ ଯାହା ଆପଣଙ୍କୁ ଆରାମ ଦେଉଥିବ । ନହେଲେ ସବୁଥରର ଆପଣଙ୍କ ଧ୍ୟାନ ପୋଷାକ ଠିକ୍ କରିବାରେ ଚାଲିଯିବ ।

-ଡାର୍କ ମେକଅପ୍ କରନ୍ତୁ ନାହିଁ । ଲାଇଟ୍ ମେକଅପ୍‌ରେ ବି ସୁନ୍ଦର ଲାଗିବେ ।

-ଅଧିକ ଟାଇଟ୍‌ଫିଟ୍ ପୋଷାକ ଆଦୌ ନୁହେଁ ।

# ପଶୁଙ୍କ ଦାନ୍ତ ପୋକ କାଟେନି



ଆମେ ସକାଳୁ ଉଠିଲେ ଦାନ୍ତ ଘଷୁ । ଅନେକ ଲୋକ ରାତିରେ ବିଛଣାକୁ ଯିବା ପୂର୍ବରୁ ଆଉଥରେ ଦାନ୍ତ ଘଷନ୍ତି । ଦାନ୍ତର ଯତ୍ନ ନେବା ପାଇଁ ଏପରି କରାଯାଏ । ନଚେତ୍ ଦାନ୍ତ ପୋକ କାଟି କିମ୍ବା ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ନଷ୍ଟ ହୋଇଯାଏ । ମଣିଷ ସିନା ତା' ଦାନ୍ତର ଯତ୍ନ ନିଏ, ପଶୁମାନେ କ'ଣ ତାହା କରନ୍ତି କି ? ତଥାପି ସେମାନଙ୍କ ଦାନ୍ତ ପୋକ କାଟେନି, ଭଲ ରହେ କେମିତି ?

ଜୀବାଣୁଜନିତ ସଂକ୍ରମଣ କାରଣରରୁ ଦାନ୍ତ ପୋକ କାଟେ । ଦାନ୍ତ ସନ୍ଧିରେ ରହୁଥିବା ଖାଦ୍ୟ କଣିକାରୁ ଜୀବାଣୁ ଉତ୍ପନ୍ନ ହୋଇ ଦାନ୍ତ କ୍ଷୟର କାରଣ ହୁଏ । ଏହି ଖାଦ୍ୟ କଣିକାରେ ଥିବା ଷ୍ଟାର୍ଚ ଜାତୀୟ ଖାଦ୍ୟସାରକୁ ଖାଇ ବୀଜାଣୁମାନେ ବଞ୍ଚନ୍ତି । ବୀଜାଣୁ ଷ୍ଟାର୍ଚକୁ ଗ୍ଲୁକୋଜରେ ପରିଣତ କରି ଲ୍ୟାକ୍ଟିକ ଏସିଡ୍ ସୃଷ୍ଟି କରନ୍ତି । ଏହି ଲ୍ୟାକ୍ଟିକ୍ ଏସିଡ୍ ଦାନ୍ତର ମୀନା (ଏନାମେଲ)କୁ ନଷ୍ଟ କରିଦିଏ । ଯାହାଫଳରେ ଦାନ୍ତକ୍ଷୟ ହୋଇଥାଏ ।

ଆମେ ମୁଖ୍ୟତଃ ଭାତ ଓ ରୁଟି ଖାଉଥିବାରୁ ଏବଂ ସେଥିରୁ ପ୍ରଚୁର ଷ୍ଟାର୍ଚ ଥିବାରୁ ଆମଠାରେ ଦାନ୍ତକ୍ଷୟ ଦେଖାଯାଏ । କିନ୍ତୁ ପଶୁମାନେ ଷ୍ଟାର୍ଚ ଥିବା ଖାଦ୍ୟ କମ୍ ଖାଆନ୍ତି । ତୃଣଭୋଜୀ ପଶୁମାନେ ଖାଉଥିବା ଘାସ ପତ୍ରରେ ସେଲ୍ୟୁଲୋଜ୍ ଥାଏ । ଦାନ୍ତମୂଳରେ ଦେଖାଯାଉଥିବା ବୀଜାଣୁ ସେଲ୍ୟୁଲୋଜରେ ବଞ୍ଚିପାରିବେ ନାହିଁ । କାରଣ ସେଲ୍ୟୁଲୋଜକୁ ବିଘଟନ କରି ଗ୍ଲୁକୋଜ୍‌ରେ ପରିଣତ କରିବା ନିମନ୍ତେ ଦରକାର ପଡୁଥିବା ଏନଜାଇମ୍ ଏକ ପ୍ରକାର ବୀଜାଣୁଙ୍କର ନାହିଁ । ମାଂସାଶୀ ପ୍ରାଣୀଙ୍କ ଖାଦ୍ୟରେ କମ୍ ପରିମାଣରେ ଷ୍ଟାର୍ଚ ଥାଏ । ଏଣୁ ପଶୁମାନଙ୍କର ଦାନ୍ତ ସନ୍ଧିରେ ଖାଦ୍ୟ କଣିକା ରହିଲେ ମଧ୍ୟ ବୀଜାଣୁମାନେ ସେମାନଙ୍କ ଦାନ୍ତ ନଷ୍ଟ କରି ପାରନ୍ତି ନାହିଁ ।

ଏହାଛଡ଼ା ପଶୁମାନଙ୍କ ଦାନ୍ତ ମଣିଷଙ୍କ ଭଳି ସୁନ୍ଦର ଭାବରେ ସଜ୍ଜିତ ନହୋଇ ବେସାଇଜ ହୋଇଥିବାରୁ ଏହା ସନ୍ଧିରେ ଖାଦ୍ୟ କଣିକା ଜମିପାରେ ନାହିଁ କି ବୀଜାଣୁ ସୃଷ୍ଟିର କାରଣ ହୁଏ ନାହିଁ । ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନଙ୍କର ଦାନ୍ତ ସାଇଜ୍ ନଥାଏ ସେମାନଙ୍କନ୍ର ଦାନ୍ତ କ୍ଷୟ ବା ପୋକ କାଟିବା ତୁଳନାତ୍ମକ ଦୃଷ୍ଟିରୁ କମ୍ ଦେଖାଯାଏ । ଅବିକା ପଶୁମାନଙ୍କଠାରେ କେଳେ ବେଳେ ଦାନ୍ତକ୍ଷୟ ଦେଖାଯାଏ । କିନ୍ତ ସେମାନଙ୍କ ବିଶେଷ କ୍ଷତି କରିବା ଦେଖାଯାଏ ନାହିଁ ।

# ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ, ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର,୧୪।୯ (ନି.ପ୍ର): ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁଡୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଁପିତାୟର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ବିଜେପି ଜିଲ୍ଲା ସଭାପତି କାଳିଆ ପାଢ଼ୀ କରୋନା ଆକ୍ରାନ୍ତ

ଭଦ୍ରକ, ୧୪/୯ (ହି.ସ.) - ବିଜେପିର ଭଦ୍ରକ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ପାଢ଼ୀ ଓରଫ କାଳିଆ ପାଢ଼ୀ କରୋନା ଆକ୍ରାନ୍ତ ହୋଇଥିବା ସୂଚନା ଦେଇଛନ୍ତି। ଏଥି ସହିତ ସେ ତାଙ୍କ ସହିତ ମିଶିଥିବା ସମସ୍ତଙ୍କୁ ନିଜର ସ୍ୱାବ ଟେଷ୍ଟ ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପାଢ଼ୀ ଭଦ୍ରକର ଏକ ଘରୋଇ ନର୍ସିଂହୋମରେ ଆଇସୋଲେସନରେ ରହିଥିବା ସହିତ ସେ ସୁସ୍ଥ ଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭଦ୍ରକର ବହୁ ବୁଦ୍ଧିଜୀବୀ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଅଜିତ୍ ଦାସ୍‌ଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୪।୯ (ନି.ପ୍ର): ପ୍ରଖ୍ୟାତ, ଲୋକପ୍ରିୟ ଓ ବରିଷ୍ଠ ଚଳଚିତ୍ର ଅଭିନେତା ଦାସଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ୭୧ ବର୍ଷୀୟ ସ୍ୱର୍ଗତଃ ଦାସ ଆଜି ଚିକିତ୍ସିତ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରୁ ଶିକ୍ଷା ଲାଭ କରି ୬୦ରୁ ଉର୍ଦ୍ଧ ଓଡିଆ ଚଳଚିତ୍ରରେ ଚରିତ୍ର ଅଭିନୟଠୁ ଖଳନାୟକ ଭୂମିକା ପର୍ଯ୍ୟନ୍ତ ସ୍ୱର୍ଗତଃ ଦାସ୍ ନିଖୁଣ ଅଭିନୟ କରିଥିଲେ । ସେ ଏକାଧାରାରେ ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର ଥିଲେ । ହାକିମବାବୁ ଚଳଚିତ୍ରରେ ଅଭିନୟ ପାଇଁ ରାଷ୍ଟ୍ରୀୟ ଚଳଚିତ୍ର ପୁରସ୍କାର ପାଇଥିଲେ । ମଂଚ ଓ ନାଟକ ଅଭିନୟ ପାଇଁ ସ୍ୱର୍ଗତଃ ଦାସ୍ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ନାଟ୍ୟଗୁରୁ ଭାବେ ପରିଚିତ ସ୍ୱର୍ଗତଃ ଦାସ ଅନେକ ନାଟ୍ୟ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କର ମୃତ୍ୟୁ ଚଳଚିତ୍ର ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଶୋକବାର୍ତାରେ ଉଭୟ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଦୁଃଖପ୍ରକାଶ କରି କହିଛନ୍ତି । ଏଭଳି ଦୁଃଖଦ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱର୍ଗତଃ ଦାସଙ୍କ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରିବାକୁ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ପ୍ରାର୍ଥନା କରିଛନ୍ତି ।

# ଶ୍ରମିକଙ୍କ ଦୈନିକ ମଜୁରୀ ୪୦୦ ଟଙ୍କା କରିବାକୁ ଦାବୀ

ନୂଆପଡା,୧୪।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ କୁଶମାଲ ଏବଂ କୁର୍ଲୁଭଟା ଗ୍ରାମର ଯୁବକ ମାନେ ହାତରେ ପ୍ଲାକାର୍ଡ ଧରି ମନରେଗା ଯୋଜନାରେ ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିବାକୁ ଦାବୀ କରିଛନ୍ତି । ସରକାର ମନରେଗା ଯୋଜନାରେ ଶ୍ରମିକ ମାନଙ୍କ ଦୈନିକ ମଜୁରୀ ୨୯୮ ଟଙ୍କା ଧାର୍ଯ୍ୟ କରିଛନ୍ତି । ଏହି ମଜୁରୀକୁ ବୃଦ୍ଧି କରି ୪୦୦ ଟଙ୍କା କରିବାକୁ ଦାବୀ କରିଛନ୍ତି । ଏହାସହ ମନରେଗା ଯୋଜନାରେ ସଠିକ ଭାବରେ କାମ ଯୋଗାଣ, ଠିକ ସମୟରେ ମଜୁରୀ ପ୍ରଦାନ କରିବାକୁ ଦାବୀ କରିଥିଲେ । ଏଠାରେ ସୂଚନାଯୋଗ୍ୟ ନୂଆପଡା ଜିଲ୍ଲା ଏକ ଦାଦନ ପ୍ରବଣ ଜିଲା ହୋଇଥିବା ବେଳେ ଏଠାକାର ଶ୍ରମିକ କାମଧନ୍ଦା ଅଭାବରୁ ଅନେକ ସମୟରେ ଦାଦନ ଖଟି ଯାଉଥିବା ଅଭିଯୋଗ ହେଉଛି । ସେଠାରେ ଏହି ଶ୍ରମିକ ମାନେ ବିଭିନ୍ନ ସମୟରେ ନିର୍ଯ୍ୟାତିତ ହେଉଥିବା ବେଳେ ଅନେକ ସମୟରେ ଜୀବନ ମଧ ଚାଲି ଯାଉଛି । ଜିଲ୍ଲା ପ୍ରଶାସନ ଏହାର ତୁରନ୍ତ ସମ୍ୟାର ସମାଧାନ କରିବାକୁ ଖିରସିନ୍ଧୁ ସଗରିଆ, ଲୋକନାଥ ନିଆଲ, ଲକ୍ଷ୍ମୀକାନ୍ତ ପୋଡ, ତୁଳସା ମାଝୀ, ପ୍ରଦିପ ନିଆଲ, ଧନଞ୍ଜୟ ମଲ୍ଲିକ, ଦୁଷ୍ମନ୍ତ ମାଝୀ, ଚିତରଞ୍ଜନ ହଂସ ସମେତ ଅନ୍ୟାନ୍ୟ ଯୁବକ ଦାବି କରିଛନ୍ତି ।

## ସମାଜସେବୀଙ୍କ ପରଲୋକ ମୃତ୍ୟୁ ପୂର୍ବରୁ ସ୍ୱାବ୍ ନମୂନା ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଥିଲା

କଣାସ,୧୪।୯ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଚାଂୟତର ବଡାସ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସମାଜସେବୀ ସୁବାସ ଚନ୍ଦ୍ର ଦାଶଙ୍କ ୭୦ ବର୍ଷ ବୟସରେ ଆଜି ପରଲୋକ ହୋଇଥିବା ଜଣାପଡିଛି । ସେ କିଛିଦିନ ହେଲା ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଟ୍ରିନିଟ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁ ପୂର୍ବରୁ ତାଙ୍କ ସ୍ୱାବ୍ ନମୂନା ପରୀକ୍ଷା କରାଯାଇଥିଲା । ହେଲେ ରିପୋର୍ଟ କରୋନା ପଜେଟିଭ୍ ବାହାରିବାରୁ ତାଙ୍କର ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା ନାହିଁ । ସରକାରଙ୍କ ତରଫରୁ ତାଙ୍କ ଶବକୁ ଖାନନଗର ଶ୍ମଶାନରେ ଦାହ କରାଯାଇଥିବା ସୂଚନା ମିଳିଛି ।

# ପୋଖରୀ ଉନ୍ନତିକରଣ ନାମରେ ମୁଦିନୁଚା ଗ୍ରାମରେ ଲକ୍ଷାଧିକ ଟଙ୍କା ଚଳୁ

ହରିଚନ୍ଦନପୁର,୧୪।୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଶଗଡପଟା ପଂଚାୟତ ମୁଦିନୁଚା ଗ୍ରାମରେ ପୋଖରୀ ଉନ୍ନତିକରଣ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଚତୁର୍ଥ ଅର୍ଥ କମିଶନ ନାମରେ ରାଜସ୍ୱରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଉନ୍ନତିକରଣର କାର୍ଯ୍ୟାଦେଶ ହୋଇଥିଲା । ଉନ୍ନତିକରଣ ଅନୁଦାନ ମୁଦିନୁଚା ଗ୍ରାମର ମୁଖ୍ୟ ପୋଖରୀ ଉପରେ ହୋଇଥିବା ବେଳେ ଅନ୍ୟ ସାହିର ଏକ ଛୋଟ ପୋଖରୀରେ ମାତ୍ର ୨୦ ହଜାର ଟଙ୍କା ଖର୍ଚ୍ଚ କାମ କରି ଅବଶିଷ୍ଟ ବଳକା ଟଙ୍କାକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି । । ଆଦର୍ଶ ପୋଖରୀ ନାମରେ ରାଜସ୍ୱରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରି ମାତ୍ର କିଛି ଟଙ୍କା ଖର୍ଚ୍ଚ କରି ସମସ୍ତ ଟଙ୍କାକୁ ହରିଲୁଟ କରିଥିବାର ତଥ୍ୟ ଏବେ ପଦାକୁ ଆସିଛି । ଗ୍ରାମର ସରପଂଚ, ଜିଆରଏସ୍ ଓ କେତେକ ଶାସକ ଦଳର କର୍ମୀ ଲାଭବାନ ହେବା ଆଶାରେ ଏହି ପୋଖରୀ ଉନ୍ନତିକରଣର ମିଥ୍ୟା ତଥ୍ୟ ଦର୍ଶାଇ ବିନା ସୂଚନା ଫଳକରେ ସମ୍ପୂର୍ଣ୍ଣ ବିଲ୍ ଉଠାଇନେଇଥିବା ସରକାରୀ ତଥ୍ୟ ମିଳିଛି । ଏନେଇ ଗ୍ରାମର ଲୋକମାନେ ବାରମ୍ୱାର ସରପଂଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପାଖରେ ଲିଖିତ ସହ ମୌଖିକ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କିଛି ସୁଫଳ ପାଇନଥିବାକୁ ନେଇ ଦିନକୁଦିନ ଅସନ୍ତୋଷ ବୃଦ୍ଧି ପାଉଛି । ବାରମ୍ୱାର ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟରୁ ବଂଚିତ ହେବାପରେ କିଛି ଉପାୟ ନପାଇ ବିଜେପି ମଣ୍ଡଳ ସଭାପତି ହୃଷିକେଶ ମହାନ୍ତିଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଘଟଣା ସମ୍ପର୍କରେ ଜାଣିବା ପରେ ସତ୍ୟତା ଜାଣିବା ସରକାରଙ୍କ ସୂଚନା ଅଧିକାର ଆଇନରେ ଘଟଣାର ସତ୍ୟତା ପ୍ରମାଣପତ୍ର ନିମନ୍ତେ ଆବେଦନ କରିଥିଲେ । ସତ୍ୟତା ସମ୍ପର୍କରେ ଜାଣିବା ପରେ ଲୋକଲୋଚନକୁ ଆଣିବା ପାଇଁ ମଣ୍ଡଳର ସମସ୍ତ କର୍ମୀ ଏକତ୍ରିତ ହୋଇ ଘଟଣାସ୍ଥଳକୁ ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କୁ ଡାକି ସମସ୍ତ ତଥ୍ୟ ଦେଇଥିବା ସହ ଘଟଣାର ସଠିକ୍ ତଦନ୍ତ କରାଇ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

# ବନ୍ତ ବ୍ଲକ୍‌ରେ ଦୀର୍ଘଦିନ ପରେ ଏ.ବି.ଡି.ଓ.

ଭଦ୍ରକ, ୧୪/୯ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ୍‌ର ଖାଲି ପଡିଥିବା ଏବିଡିଓ ଚେୟାର ପୂରଣ ହୋଇଛି। ଦୀର୍ଘଦିନ ଧରି ବନ୍ତ ବ୍ଲକ୍‌ର ଏବିଡିଓ ପଦବୀ ଖାଲି ପଡିଥିବାରୁ ବିଡିଓଙ୍କ ଉପରେ କାର୍ଯ୍ୟଭାର ଅଧିକ ହେଉଥିବା ବେଳେ ଷ୍ଟାଫ କମ୍ ଜନିତ କାରଣରୁ ବ୍ଲକ୍‌ର ବିଭିନ୍ନ କାମ ବାଧାପ୍ରାପ୍ତ ହେବା ସହିତ ଜନସାଧାରଣ ମଧ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କର ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଚିଠି ନଂ ୧୩୯୦୯/ ତା ୦୩.୦୯.୨୦ ରିଖ ଏବଂ ଭଦ୍ରକ ଜିଲାପାଳଙ୍କ ଆଦେଶନାମା ସଂଖ୍ୟା ୪୦୫/ ତା ୦୯.୦୯.୨୦ ରିଖ ମୂଳେ ବନ୍ତ ବ୍ଲକ୍ ପାଇଁ ନିଶିକାନ୍ତ ଖୁଣ୍ଟିଆ ଏବିଡିଓ ଭାବେ ଯୋଗଦାନ କରିଛନ୍ତି। ଏହା ବନ୍ତ ବ୍ଲକ୍ ସହିତ ଜନସାଧାରଣଙ୍କ ପାଇଁ ଏକ ଆଶ୍ୱସ୍ତିର ଖବର ହୋଇଛି। ଶ୍ରୀ ଖୁଣ୍ଟିଆ ଆଦର୍ଶ ଶିକ୍ଷକ ତଥା ଲୋକପ୍ରିୟ ଶିଶୁ ସାହିତ୍ୟିକ ଓ ଗାଳ୍ପିକ ବଂଶୀଧର ଖୁଣ୍ଟିଆଙ୍କ ସୁପୁତ୍ର ଅଟନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଖୁଣ୍ଟିଆ ଇତିପୂର୍ବରୁ ଏହି ବ୍ଲକ୍‌ରେ ଜିପିଓ ଭାବେ କାର୍ଯ୍ୟ କରି ଜଣେ ଦକ୍ଷ ଓ ସଚ୍ଚୋଟ ପଦାଧିକାରୀ ଭାବେ ପରିଚିତ ହୋଇଥିଲେ। ତାଙ୍କର ପଦୋନ୍ନତି ହୋଇ ସେ ପୁନଶ୍ଚ ଏହି ବ୍ଲକ୍‌ରେ ଏବିଡିଓ ଭାବେ ଯୋଗ ଦେଇଥିବାରୁ ବ୍ଲକ୍ ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇ ପାରିବାର ଆଶା ଓ ବିଶ୍ୱାସ ଜନସାଧାରଣ ରଖିଛନ୍ତି। ବ୍ଲକ୍‌ର ବିଭିନ୍ନ ପଂଚାୟତର ଜନ ପ୍ରତିନିଧି ମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଜମାଦାର ମୁଣ୍ଡା ନାମକ ଅଧିକାରୀ ଖାଲିଥିବା ତାଙ୍କ ସ୍ଥାନରେ ଜିପିଓ ଦାୟିତ୍ୱରେ ରହିଥିବା ବ୍ଲକ୍ ପ୍ରଶାସନ ସୂତ୍ରରୁ ପ୍ରକାଶ। ଲୋକମାନଙ୍କର ଆଶା ଭରସାକୁ ଶ୍ରୀ ଖୁଣ୍ଟିଆ କେତେଦୂର ସାକାର କରିବେ, ତାହା ଆଗାମୀ ସମୟ କହିବ।

## ଭୁବନ ଥାନାରେ କରୋନା, ବୁଦ୍ଧିଜୀବୀଙ୍କ ଆଶୁ ଆରୋଗ୍ୟ କାମନା

ଭୁବନ,୧୪।୯ (ନି.ପ୍ର): ଭୁବନ ଥାନାର ଏଏସଆଇ ଲକ୍ଷ୍ମୀଧର ରଣା, ରମେଶ ଚନ୍ଦ୍ର ସ୍ୱାଇଁ,ପ୍ରଭାତ ନାୟକ ଙ୍କ ସମେତ ୫ ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବାରୁ ଥାନାରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି । ଲୋକଙ୍କ ଧନଜୀବନ ସୁରକ୍ଷା ଦେବା ଓ କରୋନାରୁ ମୁକ୍ତି ପାଇଁ ଦିନରାତି ଏକ କରି ଜନସଚେତନତା ସୃଷ୍ଟି କରୁଥିବା ୩ ଜଣ ଅଫିସର କରୋନା ପଜିଟିଭରେ ସଂକ୍ରମିତ ହୋଇଥିବାରୁ ବୁଦ୍ଧିଜୀବୀ ମହଲ ଉଦବେଗ ପ୍ରକାଶ କରିବା ସହିତ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କେନ୍ଦ୍ରାପଡା,୧୪।୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗଣ୍ଡାଖିଆ ରାସ୍ତାର ଆୟବା ଠାରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଥିବା ବେଳେ ୨ ଜଣ ଗୁରୁତର ଭାବରେ ଆହତ ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ରବିବାର ଦିନ ୩ଟା ସମୟରେ କ୍ଷିରୋଦ ରାଉତ ଓ ଟୁଲିଆ ସେଠୀ ମୋଟର ସାଇକେଲରେ ଯାଉଥିବା ସମୟରେ ଅନ୍ୟପଟୁ ଆସୁଥିବା ଜଙ୍କର ପ୍ରଧାନଙ୍କ ସାମ୍ନା ସାମ୍ନି ମୋଟର ସାଇକେଲ ଧକ୍କା ହୋଇଥିଲା । ଜଙ୍କର ପ୍ରଧାନ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ କ୍ଷିରୋଦ ଓ ଟୁଲିଆ ଗୁରୁତର ଭାବରେ ଆହତ ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସଦର ପୋଲିସ ୨ଟି ଯାକ ମୋଟର ସାଇକେଲ ଜବତ କରି ଘଟଣାର ତଦନ୍ତ କରୁଥିବାର ଜଣାପଡିଛି ।

# ବିଶିଷ୍ଟ କୃଷି ବିଷାରଦ ଶରତ କୁମାର ମହାନ୍ତିଙ୍କ ପରଲୋକ

ଭଦ୍ରକ, ୧୪/୯ (ହି.ସ.) - ବିଶିଷ୍ଟ କୃଷି ବିଷାରଦ ଶରତ କୁମାର ମହାନ୍ତିଙ୍କ ୮୩ବର୍ଷ ବୟସରେ ଆଜି ସକାଳ ୮ଟା୩୦ମିନିଟ ସମୟରେ ଭଦ୍ରକ ବଙ୍କସାହି ସ୍ଥିତ ବାସଭବନରେ ପରଲୋକ ଘଟିଛି । ସ୍ୱର୍ଗତ ମହାନ୍ତି ଜଣେ ମେଧାବୀ ଛାତ୍ର ଭାବେ ନିଜର ଶିକ୍ଷା ସମାପନ କରି ୧୯୬୩ ମସିହାରେ ଓଡିଶା ସରକାରଙ୍କ କୃଷି ବିଭାଗରେ ଜଣେ ଓଭରସିଅର ଭାବେ ନିଯୁକ୍ତି ପାଇ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ରାଜ୍ୟର ବିଭିନ୍ନ ଜିଲ୍ଲା ଯଥା ସମ୍ୱଲପୁର, ବଲାଙ୍ଗିର, ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ କରିଛନ୍ତି। ରାଣୀତାଲ ସ୍ଥିତି କୃଷି ଗବେଷଣା କେନ୍ଦ୍ରରେ ଜଣେ ବିଶିଷ୍ଟ କୃଷି ବିଷାରଦ ଭାବେ କାର୍ଯ୍ୟ କରି ସେ ବହୁ ଲୋକପ୍ରିୟ ହୋଇଥିଲେ। ତେବେ ସେ ଚାକିରିର ଶେଷ କାର୍ଯ୍ୟକାଳ କେନ୍ଦୁଝର ଜିଲ୍ଲା ଡି.ଡି.ଏ ଭାବେ କାର୍ଯ୍ୟକରି ଅବସରପ୍ରାପ୍ତ ହୋଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ଅତ୍ୟନ୍ତ କର୍ମଠ ଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବଡଭାଇ ବସନ୍ତ କୁମାର ମହାନ୍ତି ଅବସରପ୍ରାପ୍ତ ଆଇ.ଏ.ଏସ୍ ଭୁବନେଶ୍ୱରର ବିବେକାନନ୍ଦ ମାର୍ଗରେ ରହଛନ୍ତି। ମଝିଆ ଭାଇ ହେମନ୍ତ କୁମାର ମହାନ୍ତି ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ (ସିଭିଲ) ଏବଂ ସ୍ୱର୍ଗତ ମହାନ୍ତିଙ୍କ ଧର୍ମପତ୍ନୀଙ୍କ ପୂର୍ବରୁ ସ୍ୱର୍ଗପ୍ରାପ୍ତି ହୋଇ ସାରିଥିବା ବେଳେ ଆଜି ତାଙ୍କର ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ଦେଖା ଦେଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବୁଦ୍ଧିଜୀବୀ ତାଙ୍କ ମରଶରୀରରେ ପୁଷ୍ପ ଅର୍ପଣ କରି ଶେଷ ଦର୍ଶନ କରିଛନ୍ତି।

## ୩୦ ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ : ବସ୍ ଜବତ

ଗଞ୍ଜାମ,୧୪।୯ (ନି.ପ୍ର): ଗତକାଲି ରାତିରେ ଓଡ଼ିଶା ଦେଇ ଝାଡ଼ଖଣ୍ଡ ତାମିଲନାଡୁ ଯାଉଥିବା ବସ୍ ନଂ ଟିଏନ୍ ୩୯ଏଏ-୫୨୬୬ କୁ ଆସିକା ପୋଲିସ ଜବତ କରିଛି । ଏହି ବସ୍ ରୁ ପ୍ରାୟ ୩୦ ଜଣ ନାବାଳିକା ଓ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି । ସେମାନେ ଝାଡ଼ଖଣ୍ଡରୁ ତାମିଲନାଡୁ କାମ କରିବାକୁ ଯାଉଥିଲେ ବୋଲି ଅନୁମାନ କରାଯାଉଛି । ତେବେ ଏହି ବସ୍ ର ଫିଟନେସ୍, ସର୍ଭିସ୍, ବୀମା ଆଦି ନଥିବା ଜଣାପଡିଛି । ବସ୍ ର ଡ୍ରାଇଭର ଓ ହେଲପରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରା ଉଚୁରା ଚଳାଇଥିବା ବେଳେ ଉଦ୍ଧାର ନାବାଳିକା ଓ ଯୁବତୀ ମାନଙ୍କୁ ଥଇଥାନର ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପରିବାର ଲୋକେ ଆସିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

# ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ,୧୪।୯ (ନି.ପ୍ର): ପୁରୀ-ଅହମ୍ମଦାବାଦ ସ୍ୱେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

# ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା : ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,୧୪।୯ (ନି.ପ୍ର): ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ରୋଭର୍ସ କ୍ଲବ ପକ୍ଷରୁ ସମାଜସେବୀ କାଳନ୍ଦୀ ନନ୍ଦୀଙ୍କ ଶୋକ ସଭା

ଭଦ୍ରକ, ୧୪/୯ (ହି.ସ.) - ପୁରୁଣାବଜାର ସ୍ଥିତ ରୋଭର୍ସ କ୍ଲବ ଠାରେ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କାଳନ୍ଦୀ ନନ୍ଦୀଙ୍କ ବିୟୋଗ ଜନିତ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ସରାକରଙ୍କ କୋବିଡ଼୍ ନିୟମକୁ ଆଖି ଆଗରେ ରଖି ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ସାମାଜିକ ଦୂରତା ରକ୍ଷା ପୂର୍ବକ ଅନୁଷ୍ଠିତ ଏହି ଶୋକସଭାରେ ଅବଦୁଲ କାସିମ ଖାଁ ପୌରୋହିତ୍ୟ କରିଥିଲେ। ପରେ ନିରବ ପ୍ରାର୍ଥନା କରାଯାଇ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱର୍ଗତ ନନ୍ଦୀ ପୁରୁଣାବଜାର ଅଞ୍ଚଳର ବିଶିଷ୍ଟ ସମାଜ ସୁଧାରକ ଭାବେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରି ସବୁବର୍ଗର ଲୋକମାନଙ୍କ ମଧରେ ବେଶ୍ ସୁନାମ ଅର୍ଜନ କରିବା ସହିତ ଲୋକପ୍ରିୟ ହୋଇଥିଲେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରମାନନ୍ଦ ଦାସ ଶେଖ ଅନୱର ହୋସେନ, ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, ଡ. ବାଇଧର ସାହୁ, ଇଂ ମନୱାର ହୋସେନ ଖାଁ, ମୁସ୍ତାକ ଗୌହର, ହରିପ୍ରସାଦ ନନ୍ଦୀ, ଅବୁ ହୋସେନ ଖାଁ, ଲାଲା ଅଲ୍ଲୀ, ମୀର୍ଜା ଏଜାଜ ବେଗ, ମୀର ସମୀର, ଶେଖ ଦିଲାବର ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

---

## ଅଜାର ଶୁଦ୍ଧିକ୍ରିୟାକୁ ଆସି ନାତିର ମୃତ୍ୟୁ

କେନ୍ଦ୍ରାପଡା,୧୪।୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟାରେ ଯୋଗ ଦେବାକୁ ଆସିଥିବା ତାଙ୍କ ନାତି ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଜଣା ପଡିଛି । ଘଟଣା ମୁତାବକ ସେହି ଗ୍ରାମର ବନ୍ଧୁ ଦାସଙ୍କ ପରିଣତ ବୟସରେ ମୃତ୍ୟୁ ଘଟିଥିଲା । ତାଙ୍କର ଶୁଦ୍ଧି କ୍ରିୟାକୁ ଆସିଥିବା ନାତି ତଥା ସାଂକ୍ଷ୍ୟ ମହାବିଦ୍ୟାଳୟର ଛାତ୍ର ସତ୍ୟଜିତ୍ ଦାସ ଶୁଦ୍ଧି କ୍ରିୟାରେ ଯୋଗ ଦେଇ ଗାଧୋଇବା ପାଇଁ ଗୋବରୀ ନଈକୁ ଯାଇଥିଲେ । ସେଠାରେ ଅସାବଧାନତା ବଶତଃ ପାଣିରେ ବୁଡି ପ୍ରାଣ ହରାଇଥିବା ଜଣାପଡିଛି । ଏହାକୁ ନେଇ ଉଭୟ ପରିବାର ଓ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ରିପୋର୍ଟ ଲେଖା ହେଲା ବେଳକୁ ରାତିରେ ଆଲୋକ ବ୍ୟବସ୍ଥା କରାଯାଇ କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ପକ୍ଷରୁ ଗୋବରୀ ନଦୀରେ ସତ୍ୟଜିତ୍ ଙ୍କୁ ଖୋଜିବା ପାଇଁ କର୍ମଚାରୀ ମାନେ ନିୟୋଜିତ ଥିବା ଜଣାପଡିଛି ।

## ବ୍ରହ୍ମପୁରରେ ୭ଟି କେନ୍ଦ୍ରରେ ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା

ଗଞ୍ଜାମ,୧୪।୯ (ନି.ପ୍ର): ବ୍ରହ୍ମପୁରରେ ନିଟ୍ ତଥା ମେଡ଼ିକାଲ ପ୍ରାର୍ଥୀ ଚୟନ ନେଇ ଆଜି ପରୀକ୍ଷା ଆରମ୍ଭ ହୋଇଛି । ଏଥିପାଇଁ ୭ଟି କେନ୍ଦ୍ରରେ ପରୀକ୍ଷା କରାଯିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦିନ ୧୧ଟାରେ ପରୀକ୍ଷା କେନ୍ଦ୍ର ଫାଟକ ଖୋଲାଯାଇ ୧୧ଟା ୪୦ ପର୍ଯ୍ୟନ୍ତ ଯାଂଚ୍ ପ୍ରକ୍ରିୟା କରାଯାଇଛି । ପରୀକ୍ଷାର୍ଥୀ ମାନଙ୍କ ସାନିଟେସନ ଓ ହାତରେ ଗ୍ଲୋବସ୍ ପିନ୍ଧିବା ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି । ସଂକ୍ରମଣକୁ ଏଡାଇବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଅପରାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ ମାନଙ୍କୁ କେନ୍ଦ୍ର ମଧରେ ପ୍ରବେଶର ଅନୁମତି ଦିଆଯାଇଛି । ଅପରାହ୍ନ ୨ଟାରୁ ପରୀକ୍ଷା ଆରମ୍ଭ ହୋଇ ୫ଟାରେ ଶେଷ ହୋଇଛି ।

# ଛାତ୍ରଙ୍କ ଆକାଉଣ୍ଟରୁ ୪୨ ହଜାର ଗାଏବ

ଭଦ୍ରକ, ୧୪/୯ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ୍ ଛୟାଳସିଂ ପଂଚାୟତ ମଙ୍ଗୁଲି ଗାଁର ବିଦ୍ୟାଧର ଜେନାଙ୍କ ପୁଅ ତଥା ଇଂଜିନିୟରିଂ ଛାତ୍ର ଶିବାନନ୍ଦ ଜେନାଙ୍କ ଆକାଉଣ୍ଟରୁ ସାଇବର ଲୁଟେରାମାନେ ୪୨ ହଜାର ୮ ଶହ ୬୨ ଟଙ୍କା ଲୁଟି ନେଇଛନ୍ତି। ଶିବାନନ୍ଦ ବରପଦାସ୍ଥିତ ଇଙ୍ଜିନିୟରିଂ କଲେଜର ୩ୟ ବର୍ଷର ବିଟେକ୍ ଛାତ୍ର ଅଟନ୍ତି। ତାଙ୍କର ବନ୍ତସ୍ଥିତ ପିଏନ୍‌ବି ରେ ଏକ ଆକାଉଣ୍ଟ ରହିଛି। ଗତ ୫ ତାରିଖରେ ଶିବାନନ୍ଦଙ୍କ ମୋବାଇଲ୍‌ର ଫୋନ୍ ପେ’ କୁ ଏକ ରିୱାର୍ଡ ମେସେଜ୍ ଆସିଥିଲା। ଯେଉଁଥିରେ ୧୯୯୯ ଟଙ୍କା ରିୱାର୍ଡ ଲେଖାଯାଇଥିଲା। ଉକ୍ତ ମେସେଜ୍ ଉପରେ କ୍ଲିକ୍ କରିବା ମାତ୍ରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୯୯୯ ଟଙ୍କା କଟି ଯାଇଥିଲା। ଏହି ଟଙ୍କା ଫୋନ୍ ପେ’ ରେ ରାମ ମିଳନ ନାମକ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡିଥିଲା। ପରେ ସେ ଗୁଗୁଲ୍ ସର୍ଚ୍ଚ କରି ୧୮୦୦୪୧୨୦୭୮୬ ନମ୍ବର ପାଇଥିଲେ। ଏହି ନମ୍ବରରେ ଫୋନ୍ କରିବା ପରେ ତାଙ୍କୁ ଲାଇନ୍‌ରେ ରହିବା ପାଇଁ କୁହାଯାଇ ଅପରପାର୍ଶ୍ୱରୁ ୮୩୮୯୦୫୪୭୧୯ ନମ୍ବରରୁ କଲ୍ ଆସିଥିଲା। ପରେ ସେମାନେ ଏକ ଆଇଡି ନମ୍ବର ଦେଇ କହିଥିଲେ ଯେ ଏହି ଆଇଡିକୁ ମାରିଲେ କଟି ଯାଇଥିବା ଟଙ୍କା ଗୁଗୁଲ୍ ପେ’ କୁ ପଳାଇଯିବ। ସେମାନେ ଦେଇଥିବା ଏକ ଗୁଗୁଲ୍ ପେ’ ନମ୍ବର ମାରିବା ମାତ୍ରେ ୨୩ ହଜାର ୨୧ ଟଙ୍କା କଟି ଯାଇଥିଲା। ପରେ ୧୬ ହଜାର ୨୧ ଓ ଶେଷରେ ୧୮ ଶହ ୨୧ ଟଙ୍କା ଗୁଗୁଲ୍ ପେ’ ରେ ଟ୍ରାଞ୍ଜେକ୍ସନ ହୋଇଯାଇଥିଲା। ଏଭଳି ଦେଖି ଶିବାନନ୍ଦ ସଂପୃକ୍ତ ନମ୍ବରକୁ ଫୋନ୍ କରିବା ପରେ ରବିବାର ୧୦ ଟା ସୁଦ୍ଧା ଟଙ୍କା ଫେରସ୍ତ ପାଇବ ବୋଲି ଉତ୍ତର ମିଳିଥିଲା। ଏହା ମଧରେ ଦୈନିକ ପୃଥକ୍ ପୃଥକ୍ ନମ୍ବରକୁ ଫୋନ୍ କଲ୍ ଆସୁଥିବାବେଳେ ଶିବାନନ୍ଦ ଅଭିଯୋଗ କରିଚାଲିଛନ୍ତି। ମାତ୍ର ଅପରପାର୍ଶ୍ୱରୁ ତାଙ୍କୁ ଗାଳିଗୁଲଜ କରାଯାଉଥିବା ଜଣାଯାଇଛି। ଚାହୁଁ ଚାହୁଁ ୪ ଥରରେ ଶିବାନନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୨ ହଜାର ୮ ଶହ ୬୨ ଟଙ୍କା ସାଇବର ଲୁଟେରାମାନେ ଲୁଟି ନେଇଛନ୍ତି। ଉକ୍ତ ଟଙ୍କାକୁ ସେ କଲେଜ ଫି ଦେବା ପାଇଁ ରଖିଥିବାବେଳେ ଏବେ କଲେଜ ଫି କିପରି ଦେବେ, ତାହା ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏ ସଂପର୍କରେ ସେ ସଂପୃକ୍ତ ବ୍ୟାଙ୍କ ଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ଯାଇଥିଲେ ମଧ କେହି ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନଥିବା ଜଣାଯାଇଛି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଶିବାନନ୍ଦଙ୍କ କ୍ଷେତ୍ରରେ ଘଟିଥିବା ସାଇବର କ୍ରାଇମକୁ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ଆଧାର ବାଧକ : ୨ ମାସ ଧରି ଭତ୍ତା ଓ ୧ବର୍ଷ ଧରି ମିଳୁନି ଚାଉଳ

ଜଳେଶ୍ୱର,୧୪।୯ (ନି.ପ୍ର): ବନ୍ୟାଞ୍ଚର ଜଣେ ଦିବ୍ୟାଙ୍ଗ ବାଳକକୁ ୧ ବର୍ଷ ଧରି ଚାଉଳ ମିଳୁନଥିବା ବେଳେ ଆଙ୍ଗୁଳିଛାପ ସ୍ପଷ୍ଟ ହେଉନଥିବାରୁ ମିଳିନି ଆଧାର । ଫଳରେ ୨ ମାସ ଧରି ଦିବ୍ୟାଙ୍ଗ ଭ । ବନ୍ଦ ହୋଇ ଯାଇଛି । ଏପରି ଅଭିଯୋଗ ଆଣିଛନ୍ତି ଦିବ୍ୟାଙ୍ଗଙ୍କ ମା ଅନ୍ନପୂର୍ଣ୍ଣ ଜେନା । ବାଇଗଣ ବାଡିଆ ପଂଚାୟତର କାଳିକାପୁର ଗାଁର ଭାଗବତ ଜେନାଙ୍କ ୧୨ବର୍ଷର ପୁଅ କ୍ଷିତିଶ ମାନସିକ ଅନଗ୍ରସର ବାଳକ । ଭାଗବତ ଓ ଅନ୍ନପୂର୍ଣ୍ଣାଙ୍କର ଏକମାତ୍ର ପୁଅ କ୍ଷିତିଶ । ସେ ଶତପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ମାଗଣାରେ ଚାଉଳ ମିଳିବା କଥା । କିନ୍ତୁ କୌଣସି କାରଣ ନ ଦର୍ଶାଇ ୧ ବର୍ଷ ଧରି ତାଙ୍କୁ ଚାଉଳ ମିଳୁନଥିବାରୁ ସେ ଆଜି ସୋମବାର ବିଡିଓ ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେହିପରି ମାନସିକ ଅନଗ୍ରସର ହୋଇଥିବାରୁ ମୁଣ୍ଡ, ହାତ, ଗୋଡ ସଦସର୍ବଦା ହଉଲୁଥିବାରୁ ଆଧାରକାର୍ଡ ଲାଗି ଅଙ୍ଗୁଳି ଟିପଚିହ୍ନ ଠିକ୍‌ଭାବେ ଆସୁନାହିଁ । ତେଣୁ ୨ମାସ ଧରି ତାଙ୍କୁ ଭ । ମଧ୍ୟ ମିଳିନାହିଁ । ବାଇଗଣ ବାଡିଆ ଏକ ବନ୍ୟାଞ୍ଚଳ ହୋଇଥିବା ବେଳେ ଚଳିତବର୍ଷ ବନ୍ୟାରେ ଧାନ, ପରିବାଚାଷ ପଚି ନଷ୍ଟ ହୋଇଛି । ଘରେ ସମସ୍ତଙ୍କୁ ଖାଦ୍ୟ ଅଭାବ ବେଳେ ସରକାରଙ୍କ ଯୋଜନାର ସଫଳ ପାଇପାରୁନାହିଁ କ୍ଷିତିଷ । ଏ ସଂପର୍କରେ ବିଡିଓଙ୍କ ସାକ୍ଷାତ ନ ପାଇ ତାର ମା ଅନ୍ନପୂର୍ଣ୍ଣା ଜେନା ସେକ୍‌ସନ ଅଫିସର ଅଧିର ପ୍ରମାଣିକଙ୍କୁ ଭେଟି ତାର ଦୁଃଖ ଜଣାଇଥିଲା । ନିକଟରେ ତାର ୨ ମାସର ଭ ।ଦିଆଯିବା ସଂପର୍କରେ ଆଜି ପ୍ରତିଶୃତି ଦେଇଛନ୍ତି ।

## ପ୍ରଲୋଭିତ କରି ଘରକୁ ଡାକିନେଇ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ

ଜଳେଶ୍ୱର, ୧୪/୯ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ କୋର୍ଟ ସାହି ଅଂଚଳର ଜଣେ ନାବାଳିକାକୁ ଡିଙ୍ଗାଶୋଳ ଗାଁର ୫୮ ବର୍ଷର ଜୟନ୍ତ ଜେନା କୌଶଳ କ୍ରମେ ଘରକୁ ଡାକିଆଣି ଦୁଷ୍କର୍ମ କରିଥିବା ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି । ଘଟଠଣାରୁ ପ୍ରକାଶ ଗତ ୧୦ ତାରିଖରେ ନା ବାଳିକାର ବାପା ଶୋଳକଣ୍ଠା ଗାଁରେ ପକ୍କା କାମ କରିବାକୁ ଯାଇଥିବା ବେଳେ ମା କେଶପୁରା ଗାଁକୁ ବିଲ କାମ କରିବାକୁ ଯାଇଥିଲା । ଘରେ ନାବାଳିକା ଥିବା ବେଳେ ଦ୍ୱିପ୍ରହରରେ ଡିଙ୍ଗାଶୋଳ ଗାଁର ଜୟନ୍ତ ଜେନା ଉକ୍ତ ନା ବାଳିକାକୁ ତା ଘରକୁ ଡାକି ନେଇଥିଲା । ନା ବାଳିକା ଭାତ ଖାଇବାପରେ ଜୟନ୍ତ ତା ଶୋଇବାଘରକୁ ଡାକି ଦୁଷ୍କର୍ମ କରିଥିଲା । ଯନ୍ତ୍ରଣାରେ ନା ବାଳିକା କାନ୍ଦିକାରୁ ତାକୁ ଜୟନ୍ତ ୧୦୦ ଟଙ୍କା ଦେବା ସହିତ କଥା ପ୍ରଘଟ ହେଲେ ଜୀବନରୁ ମାରିଦେବାରୁ ଧମକ ଦେଇଥିଲା । ନାବାଳିକା ଘରକୁ ଘରକୁ ଫେରି ମା ନିକଟରେ ସବୁ କହିବାରୁ ଗତ ୧୨ ତାରିଖରେ ଏକ ବୈଠକ ବସିଥିଲା । କିନ୍ତୁ ଏପରି ଜଣେ ଆଦିବାସୀ ନା ବାଳିକାକୁ ଦୁଷ୍କର୍ମ ହୋଇଥିବାରୁ ନା ବାଳିକାର ମା ଗତ ୧୩ ତାରିଖ ସଂଧ୍ୟାରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହେବାରୁ ୩୦୬/୨୦ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ଜନ ପ୍ରତିନିଧିଙ୍କ ଘର ସମ୍ମୁଖରେ ଧାରଣା ଦେବ ଭଂଜସେନା

ବାରିପଦା ,୧୪।୯ (ନି.ପ୍ର): ଦୀର୍ଘଦିନର ଦାବୀପରେ ବାରିପଦା ଠାରେ ଖୋଲିଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ସହିତ ଜିଲ୍ଲାରେ ଥିବା ସମସ୍ତ ଉପଖଣ୍ଡ ଚିକିତ୍ସାଳୟ ଏବଂ ବିଭିନ୍ନ ବ୍ଲକ ଅଂଚଳରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ବିଭିନ୍ନ ଅବ୍ୟବସ୍ଥା ତଥା ଡାକ୍ତର ଅଭାବ କାରଣରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଂଜ ଜିଲ୍ଲାର ଲୋକେ ସଠିକ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଥିବାରୁ ଏହାର ପ୍ରତିବାଦ ଜଣାଇ ଭସେନା ପକ୍ଷରୁ ତା୨୯/୭/୨୦ ରିଖ ମୟୂରଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ ନିୟମ ମାନି ଶାନ୍ତିପୂର୍ଣ୍ଣ ଭାବରେ ଧାରନା ଦିଆଯାଇଥିଲା । ତୁରନ୍ତ ଏହି ସ୍ୱାସ୍ଥ୍ୟ ସମସ୍ୟାକୁ ଜିଲ୍ଲାରୁ ଦୂର କରିବାକୁ ଦାବୀ କରାଯାଇ ସମସ୍ୟାର ସମାଧାନ ନହେଲେ ଜନପ୍ରତିନିଧିଙ୍କ ଘର ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା । ତେବେ ଏଯାବତ କୌଣଷି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ନଥିବାରୁ ଆଗାମୀ ଅକ୍ଟୋବର ୧୫ ତାରିଖରେ ଜିଲ୍ଲାର ସମସ୍ତ ବିଧାୟକଙ୍କ ଘର ସମ୍ମୁଖରେ ଭସେନା ତରଫରୁ ଧାରଣା ଦିଆଯିବ ବୋଲି ଭସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ସଭାପତି ପିଂଟୁ ମାଇତି ଘୋଷଣା କରିଛନ୍ତି ବୋଲି ମୁଖପାତ୍ର ଜ୍ୟୋତିରନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ବିଂଝାରପୁରରେ ଚାଷୀ ଆତ୍ମହତ୍ୟା : ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୧୪।୯ (ନି.ପ୍ର): ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ବରପଦା ଗ୍ରାମପଂଚାୟତ ଅଧିନସ୍ଥ ୭ ନମ୍ବର ଓ୍ୱାର୍ଡର ଦଳିତ ଚାଷୀ ରମାକାନ୍ତ ମଳିକ ଗତ ଶୁକ୍ରବାର ଦିନ ନିଜ କ୍ଷେତ ନିକଟସ୍ଥ ବରଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଳିକଙ୍କ ଘର ଠାରୁ ମାତ୍ର ୩ କିଲୋମିଟର ଦୂରରେ ରମାକାନ୍ତଙ୍କ ଘର ହୋଇଥିଲେ ବି ଏଯାବତ୍ ଶ୍ରୀମତୀ ମଳିକ ତାଙ୍କ ଘରେ ନ ପହଂଚିବା କିମ୍ବା ଶାସକ ଦଳର ମନ୍ତ୍ରୀ, ଯାଜପୁର ଲୋକସଭା ସାଂସଦ ଓ ଅନ୍ୟାନ୍ୟ ବିଧାୟକମାନେ ସାମାନ୍ୟତମ ସମବେଦନା ନଜଣାଇବା ସମଗ୍ର ଚାଷୀକୂଳ ପ୍ରତି ଚରମ ଉପହାସ । ମୁଖ୍ୟମନ୍ତ୍ରୀ ଅବିଳମ୍ବେ ସ୍ୱର୍ଗତ ରମାକାନ୍ତ ବାବୁଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ କଂଗ୍ରେସ ଦାବି କରିଛି । ପିସିସି କାର୍ଯ୍ୟକାରୀ ସଭାପତି ପୂର୍ବତନ ସାଂସଦ ଶ୍ରୀ ପ୍ରଦୀପ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସ୍ୱର୍ଗତ ରମାକାନ୍ତ ନିଜସ୍ୱ ୨୦ - ୨୨ ଗୁଣ୍ଠ ଜମିରେ ଚାଷ କରିବା ସହ ଅନ୍ୟ ଲୋକର ପାଖାପାଖି ୪ ଏକର ଜମି ଭାଗଚାଷ କରି ଗାଁରୁ ଅନ୍ୟୁନ ୫୦ ହଜାର ଟଙ୍କା ଧାର କରିବା ସହ ନିଜର ଗାଈ ଓ ସ୍ତ୍ରୀର ସୁନା ଜିନିଷ ବିକ୍ରୀ କରି ବହୁ ପରିଶ୍ରମ କରି ଅଧିକ ଅମଳ ଆଶା ଓ ପରିବାରର ଭରଣପୋଷଣ ନିମନ୍ତେ ଦେଖିଥିବା ସମସ୍ତ ସ୍ୱପ୍ନକୁ ବନ୍ୟା ଧୋଇଦେଇଥିବା ବେଳେ ଏ ଯାବତ୍ ବ୍ଲକ, ଜିଲ୍ଲା ଓ ରାଜ୍ୟ ପ୍ରଶାସନର କୌଣସି ଅଧିକାରୀ ତାଙ୍କ ପରିବାର ନିକଟରେ ନ ପହଂଚିବା ସରକାରଙ୍କର ଅସଲ ଆଭିମୁଖ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବରିଷ୍ଠ କଂଗ୍ରେସ ନେତା ପ୍ରାକ୍ତନ ସାଂସଦ ତଥା ପ୍ରାକ୍ତନ ସିଡବ୍ଲ୍ୟୁସି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶ୍ରୀ ମନୋରଞ୍ଜନ ଦାସ, ପିସିସିର ପ୍ରାକ୍ତନ ମୁଖପାତ୍ର ଶ୍ରୀ ପଦ୍ମାକର ଗୁରୁଙ୍କ ନେତୃତ୍ୱରେ କଂଗ୍ରେସର ଏକ ୧୦ ଜଣିଆ ପ୍ରତିନିଧି ମଣ୍ଡଳୀ ଶନିବାର ଦିନ ରମାକାନ୍ତଙ୍କ ପରିବାରବର୍ଗଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ସମସ୍ତ ଘଟଣାର ଅନୁଧାନ କରି ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଧର୍ମପତ୍ନୀ ରେବତୀ ମଳିକ ଏବଂ ଦୁଇ ପୁତ୍ର ରଜନୀକାନ୍ତ ଓ ରତିକାନ୍ତ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣାର ବିବରଣୀକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ଆଜି ଅବଗତ କରିଛନ୍ତି । ଏପରିକି ପ୍ରାକ୍ତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନୂତନ ଜିଲ୍ଲାପାଳ କୁଲଦୀପ ସିଂ ରାଠୋରଙ୍କୁ ଅପରାହ୍ନ ୧ ଘଟିକାରେ ସାକ୍ଷାତ କରି ଅବିଳମ୍ବେ ବରପଦା ଗ୍ରାମ ଗସ୍ତ କରି ପରିବାରବର୍ଗଙ୍କୁ ସାକ୍ଷାତ ସହ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ ।

## ସାରର ଅଭାବୀ ବିକ୍ରିକୁ ନେଇ ଧାରଣା

ବାରିପଦା ,୧୪।୯ (ନି.ପ୍ର): ସାରର ଅଭାବୀ ବିକ୍ରିକୁ ନେଇ ଲାମ୍ପ ସମୁଖରୁ ଧାରଣାରେ ବସିଲେ ଚାଷୀ । ଆଦିବାସୀ ଅଧ୍ୟୁଷିତ ମୟୁରଭ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା । ଜିଲ୍ଲାରେ କୃଷିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରିହାତି ଦରରେ ସାର ଓ କୀଟନାଶକ ଯୋଗାଇ ଦିଆଯାଉଛି । କିନ୍ତୁ ବର୍ତ୍ତମାନ ଚାଷ ସମୟ ହେଇଥିବାରୁ, ସରକାରଙ୍କ ତରଫରୁ ରିହାତି ଦରରେ ଯୋଗେଇ ଦିଆଯାଉଥିବା ଏହି ସାର ଏବଂ କୀଟନାଶକ ଠିକ ସମୟରେ ଚାଷୀ ପାଖରେ ପହଂଚି ପାରୁନଥିବାର ଅଭିଯୋଗ ହୋଇଛି । ଫଳରେ ଚାଷୀ ମାନଙ୍କୁ ୫୪୦ ଟଙ୍କାର ସାରକୁ ୧୨୦୦ ଟଙ୍କାରେ ବାହାର ବଜାରରୁ ସାର କିଣି ବାକୁ ପଡୁଛି । ଏହାର ବିରୋଧ କରି ନବ ନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ମାନେ କୁଳିଅଣା ଲ୍ୟାମ୍ପ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ଯଦି ଚାଷୀଙ୍କୁ ରିହାତି ଦରରେ ସାର ଏବଂ କୀଟନାଶକ ସରକାର ସଠିକ ସମୟରେ ଯୋଗେଇ ନଦିଅନ୍ତି ତାହାଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି କର୍ମକର୍ତ୍ତା ମାନେ । ଅନ୍ୟପଟେ ଲ୍ୟାମ୍ପର ନିର୍ଦ୍ଦେଶକ ସାରର ଅଭାବୀ ବିକ୍ରିକୁ ଖଣ୍ଡନ କରିବା ସହିତ ସାର ଚାଷୀ ମାନଙ୍କ ଠିକ ସମୟରେ ଯୋଗେଇ ଦିଆଯାଉଛି ବୋଲି କହିଛନ୍ତି ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଅବସରରେ ବିଜେପିର ସେବା ସପ୍ତାହ ଆରମ୍ଭ

### ସେପ୍ଟେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ

ଭୁବନେଶ୍ୱର,୧୪।୯ (ନି.ପ୍ର): ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ନିରାମୟ ଓ ଦୀର୍ଘଜୀବନ କାମନା କରି ବିଜେପି କାର୍ଯ୍ୟକର୍ତ୍ତାମାନେ ଆଜିଠୁ ସମଗ୍ର ଦେଶରେ ସେବା ସପ୍ତାହ ପାଳନ କରୁଛନ୍ତି । ଆସନ୍ତା ୧୭ ତାରିଖ ହେଉଛି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ । ଏହି ସେବା ସପ୍ତାହରେ ବିଜେପି କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ କରି ମାନନୀୟ ପ୍ରଧାନମନ୍ତ୍ରୀଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଥାନ୍ତି । ଚଳିତ ବର୍ଷ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ୭୦ତମ ଜନ୍ମ ଦିବସ ହୋଇଥିବା କାରଣରୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ସମଗ୍ର ଦେଶରେ ନିର୍ଦ୍ଧାରିତ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ ଅନୁଷ୍ଠିତ ଆରମ୍ଭ ହୋଇଛି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁରୋଧକ୍ରମେ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସେବା ସପ୍ତାହ କାର୍ଯ୍ୟକ୍ରମରେ ପାର୍ଟୀର ସମସ୍ତ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ସହ ପାର୍ଟୀର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ କୋଭିଡ୍-୧୯ ନୀତିନିୟମକୁ ପାଳନ ସହ ଯୋଗଦାନ କରୁଛନ୍ତି । ସେବା ସପ୍ତାହର ଆଜି ପ୍ରଥମ ଦିନରେ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ପ୍ରତ୍ୟେକ ବୁଥ୍‌ରେ ୭୦ଟି ଲେଖାଏଁ ବୃକ୍ଷରୋପଣ କରିବା ସହ ପର୍ଯ୍ୟାବରଣର ସୁରକ୍ଷା ପାଇଁ ସଂକଳ୍ପ ନେଇଛନ୍ତି । ବାଲେଶ୍ୱର, ମୟୁରଭଂଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ପୁରୀ, ନୟାଗଡ, ଖୋର୍ଦ୍ଧା, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ, ନୂଆପଡା, ଅନୁଗୁଳ, ଢେଙ୍କାନାଳ ସମେତ ପ୍ରତ୍ୟେକ ସ୍ଥାନରେ ବୃକ୍ଷରୋପଣ କରାଯାଇଛି । ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାଶ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ସୁରଥ ବିଶ୍ୱାଳ, ପବିତ୍ର ଦାଶଙ୍କ ସମେତ ପ୍ରମୁଖ ରାଜ୍ୟ ନେତୃବୃନ୍ଦ, ଜିଲ୍ଲା ସଭାପତି ଏବଂ କାର୍ଯ୍ୟକର୍ତ୍ତାମାନେ ଏହି ଅବସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା,୧୪।୯ (ନି.ପ୍ର): ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ତିନିଦିନିଆ ବଲାଙ୍ଗୀର ଓ ସୋନପୁର ଜିଲ୍ଲା ଗସ୍ତ

ଭୁବନେଶ୍ୱର,୧୪।୯ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଆସନ୍ତାକାଲି ଠାରୁ ତିନିଦିନିଆ ବଲାଙ୍ଗୀର ଓ ସୋନପୁର ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । ଆସନ୍ତାକାଲି ୧୫ ତାରିଖ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ମନ୍ତ୍ରୀ ଶ୍ରୀ ବେହେରା ଭୁବନେଶ୍ୱରରୁ ବଲାଙ୍ଗୀର ଗସ୍ତରେ ଯାଇ ସେଠାକାର ଜିଲ୍ଲା ସର୍କିଟ ହାଉସରେ ରାତ୍ରୀଯାପନ କରିବେ । ୧୬ ତାରିଖ ପୂର୍ବାହ୍ନ ୧୦.୩୦ ସମୟରେ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ବଲାଙ୍ଗୀର ଜିଲ୍ଲାର କ୍ରୀଡ଼ା ଭିତିଭୂମି ଓ ଷ୍ଟାଡିୟମର ସ୍ଥିତି ନେଇ ସମୀକ୍ଷା କରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହରିବଂଶ ରାଜ୍ୟସଭାର...

ପ୍ରାର୍ଥୀ କରା ଯାଇଥିଲା । ବିଜେପି ସଭ୍ୟ ଜଗତ ପ୍ରକାଶ ନଡ୍ଡା ହରିବଂଶଙ୍କୁ ଉପ ସଭାପତି କରିବା ସମ୍ପର୍କିତ ପ୍ରସ୍ତାବ ଆଣିଥିଲେ । କେନ୍ଦ୍ରୀୟ ମନ୍ତ୍ରୀ ଥାବର ଚନ୍ଦ ଗେହଲୋତ ଏହାକୁ ସମର୍ଥନ କରିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ଦଳ ପକ୍ଷରୁ କଂଗ୍ରେସ ସଭ୍ୟ ଗୁଲାମ ନବୀ ଆଜାଦ ମନୋଜ ଝାଙ୍କୁ ଏହି ପଦ ପାଇଁ ପ୍ରସ୍ତାବ ଦେଇଥିଲେ ଓ କଂଗ୍ରେସ ସଭ୍ୟ ଆନନ୍ଦଶର୍ମା ଏହାକୁ ସମର୍ଥନ କରିଥିଲେ ।

### ବିଶିଷ୍ଟ ଶିଶୁ ସାହିତ୍ୟିକ ...

ଅନେକ କ୍ଷୁଦ୍ରଗଳ୍ପ, କବିତା ଆଦି ରଚନା କରିଥିଲେ । ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ୨୦୧୩ ମସିହାରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । କେନ୍ଦ୍ରାପଡ଼ାର କଉପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି ଆଇନରେ ଡିଗ୍ରୀ ହାସଲ କରିବା ପରେ ୧୯୫୮ରେ ଆକାଶବାଣୀରେ ଯୋଗ ଦେଇଥିଲେ ।

### ପଂଚଭୂତରେ ଲୀନ...

ଏଥିରେ ସେ ଖଳନାୟକ ଭୂମିକାରେ ଅଭିନୟ କରିଥିଲେ ।ଏହାପରେ ସେ 'ଅଭିମାନ', 'ଗୌରୀ', ବଳିଦାନ', 'ଗୋଲାମଗିରି', 'ଏ ନୁହେଁ କାହାଣୀ', 'ଫୁଲଚନ୍ଦନ', 'ହାକିମବାବୁ', 'ସହରୀବାଘ', 'ମମତାର ଡୋରି', 'ଏଇ ତ ଦୁନିଆ', 'ତୁଣ୍ଡବାଇଦ', 'ମୁଁ ତୁମେ ଓ ସେ', 'ପ୍ରେମରତୁ ଆସିଲାରେ', 'ଆମ ଭିତରେ କିଛି ଅଛି' ଏବଂ 'ଅଭିମନ୍ୟୁ' ଭଳି ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । 'ହାକିମବାବୁ' ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା । ସେହି ଚଳଚ୍ଚିତ୍ର ଲାଗି ସେ ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ସେ ଉତ୍କଳ ସଙ୍ଗୀତ ନାଟକ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଅବସର ଗ୍ରହଣ କରିଥିଲେ । ନିଜେ ମଧ 'ଅଜିତ୍' ନାମରେ ଏକ ନାଟ୍ୟ ସଂସ୍ଥା ସ୍ଥାପନ କରି ବହୁ ନୂତନ କଳାକାର ସୃଷ୍ଟି କରିଥିଲେ ।

### ରାଜ୍ୟରେ ଆଉ...

ବଲାଙ୍ଗୀର ଜିଲ୍ଲାର ହିଁ ଅନ୍ୟ ଜଣେ ୪୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ରୋଗରେ ପାଡିତ ଥିଲେ । କଟକ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାର ଜଣେ ୫୪ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୫୮ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । ସେ ଉଚ୍ଚ ରକ୍ତଚାପ ଓ ମଧୁମେହରେ ପୀଡିତ ଥିଲେ ।

## ଅର୍ଥନୀତିର ସୁରକ୍ଷା, ସମସ୍ତଙ୍କୁ ଜୀବିକା ଦାବିରେ ସିପିଆଇର ସର୍ବ ଭାରତୀୟ ପ୍ରତିବାଦ ଦିବସ ପାଳିତ

ଭୁବନେଶ୍ୱର,୧୪।୯ (ନି.ପ୍ର): କରୋନା ଆଳରେ ସାଧାରଣ ମଣିଷ ଜୀବନ ଜୀବିକା ଉପରେ ପ୍ରଚଣ୍ଡ ଆକ୍ରମଣର ପ୍ରତିବାଦରେ ସମସ୍ତଙ୍କ ପାଇଁ ଜୀବିକା, ସମତା ଓ ନ୍ୟାୟ ଦାବିରେ ଆଜି ସଂସଦ ଅଧିବେଶନର ପ୍ରଥମ ଦିବସରେ ସିପିଆଇ ପକ୍ଷରୁ ଦେଶ ବ୍ୟାପି ପ୍ରତିବାଦ ଦିବସ ପାଳିତ ହୋଇଯାଇଛି । ଆଜି ଭୁବନେଶ୍ୱର ସ୍ଥିତ ଅଶୋକନଗରଠାରେ ସର୍ବ ଭାରତୀୟ ପ୍ରତିବାଦ ଦିବସର ଅଂଶ ସ୍ୱରୂପ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସରକାର ତୁରନ୍ତ ଶ୍ରମିକ, କୃଷକ, ସାଧାରଣ ମଣିଷ ସର୍ବୋପରି ଦେଶ ବିରୋଧି ନୀତିକୁ ତୁରନ୍ତ ପ୍ରତ୍ୟାହାର କରି ଅର୍ଥନୀତି ଓ ଜୀବନ ଜୀବିକାର ସୁରକ୍ଷା ପାଇଁ ସମସ୍ତ ରାଜନୈତିକ ଦଳମାନଙ୍କୁ ଆସ୍ଥାକୁ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି । ଦିଲ୍ଲୀ ଦଙ୍ଗା ସମ୍ପର୍କିତ ମକଦ୍ଦମାର ଅତିରିକ୍ତ ଚାର୍ଜସିଟ୍‌ରେ ସୀତାରାମ ୟେଚୁରୀ, ପ୍ରଫେସର ଜୟନ୍ତୀ ଘୋଷ, ପ୍ରଫେସର ଅପୂର୍ବା ନନ୍ଦ, ଯୋଗେନ୍ଦ୍ର ଯାଦବ, ରାହୁଲ ରାୟଙ୍କ ସମେତ ବହୁ ବିଶିଷ୍ଟ ବୁଦ୍ଧିଜୀବୀମାନଙ୍କ ନାମ ଯୋଡ଼ାଯାଇ ସରକାର ଦେଶରେ ଭିନ୍ନମତ ପୋଷଣ ଅଧିକାର ଉପରେ ଆକ୍ରମଣ କରିଛନ୍ତି । ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ସଂଗ୍ରାମ କରୁଥିବା ବୁଦ୍ଧିଜୀବୀମାନଙ୍କ ଉପରେ ଆକ୍ରମଣ ଅବ୍ୟାହତ ରହିଛି । ସରକାର ଏଭଳି କାର୍ଯ୍ୟରୁ ବିରତ ରହିବା ସହ ଗଣତାନ୍ତ୍ରିକ ଆନ୍ଦୋଳନକାରୀମାନଙ୍କ ଉପରୁ ସମସ୍ତ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା ପାଇଁ ସିପିଆଇ ପକ୍ଷରୁ ଦାବି କରାଯାଇଛି । ଏହି ପ୍ରତିବାଦରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସିପିଆଇ ଭୁବନେଶ୍ୱର ଜୋନ ସମ୍ପାଦକ ସୁର ଜେନା, କୈଳାସ ପୁହାଣ, ଖୋର୍ଦ୍ଧା ଜିଲ୍ଲା କ୍ଷେତ ମୂଲିଆ ନେତା ସର୍ବେଶ୍ୱର ମାର୍ଥା, ଗୋହିଗୋବିନ୍ଦ ବେଶ୍ରା, ଲୋକନାଥ ଭୋଇ, ରୀତା ସେଠୀ, ଛେତମ୍ବର ଭୋଇ, ସୁଷମା ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟରେ ଥିବା ଟିଏମସି ଓ କୋଭିଡ୍ କେୟାର ସେଂଟର ବନ୍ଦ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଓ ଆବଶ୍ୟକ ସଂଖ୍ୟକ ରୋଗୀ ଭର୍ତ୍ତି ହେଉ ନ ଥିବାରୁ ସମଗ୍ର ରାଜ୍ୟରେ ଥିବା ଟେମ୍ପରାରି ମେଡିକାଲ୍ ସେଂଟର୍ (ଟିଏମସି) ଓ କୋଭିଡ୍ କେୟାର୍ ହୋମ୍ / ସେଂଟର ଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଇଥିବା କଥା ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସମସ୍ତ ଜିଲ୍ଲାପାଳ ଏବଂ ସମସ୍ତ ମୁନିସ୍‌ପାଲ୍ କମିସନର୍‌ଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହାଛଡ଼ା ଯେଉଁ କୋଭିଡ୍ କେୟାର୍ ସେଂଟର୍ ମାନଙ୍କରେ ରୋଗୀ ହେଉ ନାହାନ୍ତି ବା କମ୍ ରୋଗୀ ହେଉଛନ୍ତି ସେଗୁଡ଼ିକୁ ମଧ ବନ୍ଦ କରିବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ନିୟୋଜିତ କର୍ମଚାରୀମାନଙ୍କୁ ପୁନଶ୍ଚ ସେମାନଙ୍କ ମୂଳ ପଦବୀକୁ ଫେରାଇ ଆଣିବାର ବ୍ୟବସ୍ଥା କରାଯାଉ ବୋଲି କୁହାଯାଇଛି । କୋଭିଡ୍ କେୟାର୍ ହୋମ୍ ରେ ନିୟୋଜିତ ଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜିଲ୍ଲାମାନଙ୍କରେ ପୁନଃନିୟୋଜନ କରାଯାଉ । ସେଠାରେ ସେମାନଙ୍କ ସେବାର ଉପଯୁକ୍ତ ବ୍ୟବହାର ହୋଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜାରି ପତ୍ରରେ ଉଲ୍ଲେଖ ରହିଛି । ଏହି କାର୍ଯ୍ୟରେ ଜିଲ୍ଲାପାଳମାନେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବା ସହ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦୈନିକ ସ୍ୱତନ୍ତ୍ର ରିଲିଫ୍ କମିସନର୍‌ଙ୍କୁ ପଦକ୍ଷେପ ବିଷୟରେ ଅବଗତ କରାଇବାକୁ କୁହାଯାଇଛି । ଯଦି ଜରୁରୀଭିତିରେ ଏଭଳି ସେଂଟର୍ ଆବଶ୍ୟକ ପଡ଼େ, ତେବେ ସ୍ୱଳ୍ପକାଳୀନ ନୋଟିସ୍ ରେ ତାହା ପୁଣି ନିର୍ମାଣ କରିଦିଆଯିବ ବୋଲି ଏହି ପତ୍ରରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ ରାଜ୍ୟର ୬୭୯୮ଟି ପଂଚାୟତରେ ୬୫୪୭୯ ଶଯ୍ୟା ବିଶିଷ୍ଟ ୬୫୬୦ଟି କୋଭିଡ୍ କେୟାର ହୋମ୍ ଓ ୨୧୦୫୯ ଶଯ୍ୟା ବିଶିଷ୍ଟ ୧୭୮ଟି କୋଭିଡ୍ କେୟାର ସେଂଟର ରହିଛି ।

## ଇନ୍ଫୋସିଟି ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପୋଲିସ କମିଶନରଙ୍କୁ ଭେଟିଲେ ଯୁବ କଂଗ୍ରେସ

ଭୁବନେଶ୍ୱର,୧୪।୯ (ନି.ପ୍ର):ଭୁବନେଶ୍ୱରସ୍ଥିତ ଇନ୍ଫୋସିଟି ନାବାଳିକା ଗଣଦୁଷ୍କର୍ମ ପୀଡିତାକୁ ନ୍ୟାୟ ଦାବିରେ ଆଜି ଭୁବେନଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଓ ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସ୍ୱାଗତ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ପୋଲିସ କମିଶନରଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । କମିଶନର ଉପସ୍ଥିତ ନଥିବାରୁ ଆଡିସନାଲ କମିଶନର ଶ୍ରୀ ସଂଜୟ ସିଂ ସ୍ମାରକପତ୍ର ଗ୍ରହଣ କରିଥିଲେ । ଦୁଷ୍କର୍ମକାରୀମାନେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର କର୍ମଚାରୀ ଓ ପୋଲିସ ହୋଇଥିବାରୁ ସେମାନଙ୍କୁ ଗିରଫ କରିବାକୁ ପ୍ରଶାସନ ପଛଘୁଂଚା ଦେଉଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପିର ନେତୃବର୍ଗ କାହିଁକି ନିରବ ରହିଛନ୍ତି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି ?"ମା'କୁ ସମ୍ମାନ"ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ କିପରି ମା'କୁ ସମ୍ମାନିତ କରୁଛନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇପଡୁଛି । ଦୁଷ୍କର୍ମ ଘଟଣା ପ୍ରକାଶ କଲେ ପୀଡିତାକୁ ଜୀବନରୁ ମାରିଦେବା ପାଇଁ ଦୁଷ୍କର୍ମକାରୀମାନେ ଧମକ ଦେଇଥିଲେ । ଏଣୁ ପୀଡିତା, ତା'ର ମା' ଏବଂ ପରିବାରବର୍ଗଙ୍କ ଜୀବନ ବିପଦ ଭିତରେ ରହିଛି । ସରକାର ସେମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ଯୁବ କଂଗ୍ରେସ ଦାବି କରୁଛି । ଅନ୍ୟପକ୍ଷରେ ପୀଡିତା ଜଣେ ଛାତ୍ରୀ ହୋଇଥିବାରୁ ସେ କିପରି ଭବିଷ୍ୟତରେ ତା'ର ପାଠପଢା ଚାଲୁ ରଖିପାରିବ ସେ ଦିଗରେ ମଧ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ତୁରନ୍ତ ଦୋଷୀକୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ଏବଂ ପୀଡିତାକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଯୁବ କଂଗ୍ରେସ ଦାବି କରିଛି । ପୀଡିତାକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଯୁବ କଂଗ୍ରେସ ସଂଗ୍ରାମ ଜାରି ରଖିବ ।

ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୪।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୭୫୮ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨୬୭୫୪ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୦୧୦, ବାଲେଶ୍ୱର ଜିଲ୍ଲାରେ ୫୩୦୪, ବରଗଡ ଜିଲ୍ଲାରେ ୪୪୧୮, ଭଦ୍ରକ ଜିଲ୍ଲାରେ ୩୯୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୦୬୬ . ବୌ ଦ୍ଧ ଜିଲ୍ଲାରେ ୧୧୧୨, କଟକ ଜିଲ୍ଲାରେ ୧୩,୩୮୨, ଦେବଗଡ ଜିଲ୍ଲାରେ ୪୦୭ ଢେଙ୍କାନାଳ ଜିଲ୍ଲାରେ ୨୬୧୯. ଗଜପତି ଜିଲ୍ଲାରେ ୩୧୬୬, ଗଂଜାମ ଜିଲ୍ଲାରେ ୧୯୨୫୫, ଜଗତସିଂହପୁର ଜିଲ୍ଲାରେ ୩୦୯୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୫୮୯୦ , ଝାରସୁଗୁଡା ଜିଲ୍ଲାରେ ୨୬୦୩, କଳାହାଣ୍ଡି ଜିଲ୍ଲାରେ ୨୦୭୦, କନ୍ଧମାଳ ୨୯୨୨, କେନ୍ଦ୍ରାପଡା ଜିଲ୍ଲାରେ ୩୨୩୪, କେନ୍ଦୁଝର ଜିଲ୍ଲାରେ ୨୯୨୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୪୮୫୮ , ମାଲକାନଗିରି ଜିଲ୍ଲାରେ ୨୮୧୦, ମୟୁରଭଂଜ ଜିଲ୍ଲାରେ ୫୭୫୧. ନବରଙ୍ଗପୁର ଜିଲ୍ଲାରେ ୨୨୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୮୪୦, ନୂଆପଡା ଜିଲ୍ଲାରେ ୧୬୧୧ , ପୁରୀ ଜିଲ୍ଲାରେ ୬୫୯୭, ରାୟଗଡା ଜିଲ୍ଲାରେ ୬୨୨୨. ସମ୍ବଲପୁର ଜିଲ୍ଲାରେ ୪୧୧୭ . ସୁବର୍ଣ୍ଣପୁର ଜିଲ୍ଲାରେ ୧୮୧୭ ଓ ସୁନ୍ଦରଗଡ ଜିଲ୍ଲାରେ ୫୭୨୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଓ ତାଙ୍କ ପତ୍ନୀ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୪।୯ (ନି.ପ୍ର): ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଓ ତାଙ୍କ ପତ୍ନୀ କରୋନା ସଂକ୍ରମିତ ହୋଇଛନ୍ତି । ଶ୍ରୀ ଦାଶ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସେ ଓ ତାଙ୍କର ଧର୍ମପତ୍ନୀ ସଙ୍ଗୀତା ଦାଶଙ୍କର ରିପୋର୍ଟ କରୋନା ପଜିଟିଭ ବାହାରିଛି । ଏବେ ସେମାନେ ସୁସ୍ଥ ଅଛନ୍ତି । ତାଙ୍କ ସଂସ୍ପର୍ଶରେ ଗତ ସାତ ଦିନ ମଧ୍ୟରେ ଆସିଥିବା ଲୋକ ମାନେ କରୋନା ଟେଷ୍ଟ କରାଇ ନେବାକୁ ସେ ଅନୁରୋଧ କରିଛନ୍ତି ।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୩୨୨୯ କରୋନାର ନୂଆ ମାମଲା: ୨୬ ମୃତ୍ୟୁ

ଦିଲ୍ଲୀ,୧୪।୯ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୩୨୨୯ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୨୬ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୨୧୫୩୩ ହୋଇ ଯାଇଛି । ବର୍ତ୍ତମାନ ସୁଦ୍ଧା ୪୭୭୦ ଜଣଙ୍କର ମୃତ୍ୟୁ ଘଟିଛି ।

## ଚଣ୍ଡିଗଡରେ ଗତ ୨୪ ଘଂଟାରେ ୨୫୪ କରୋନାର ନୂଆ ମାମଲା

ଚଣ୍ଡିଗଡ ,୧୪।୯ (ନି.ପ୍ର): ଚଣ୍ଡିଗଡରେ ଗତ ୨୪ ଘଂଟାରେ ୨୫୪ ନୂଆ କରୋନାର ମାମଲା ସାମନାକୁ ଆସିଛି । ଆଜି ୩ଜଣଙ୍କର ମୃତ୍ୟୁ ଘଟିଛି । ଚଣ୍ଡିଗଡ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

# ଗୋଟିଏ ଦିନରେ ୪୧୯୮ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୫୦୦୫କୁ ବୃଦ୍ଧି

ଭୁବନେଶ୍ୱର,୧୪।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୧୯୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୫୦୦୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୧୮୬୪୨ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୫୬୭୩ ରହିଛି । ଆଜି ଚିହ୍ନଟ ହୋଇଥିବା ୪୧୯୮ ଜଣଙ୍କ ମଧ୍ୟରୁ ୨୪୭୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୨୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୭୫୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୮ , ବାଲେଶ୍ୱର ଜିଲ୍ଲାରେ ୧୩୦ ଜଣ, ବରଗଡ ଜିଲ୍ଲାରେ ୯୫, ଭଦ୍ରକ ଜିଲ୍ଲାରେ ୫୩, ବୌଦ୍ଧ ଜିଲ୍ଲାରେ ୧୯ ବଲାଙ୍ଗିର ଜିଲ୍ଲାରେ ୧୯୭, କଟକ ଜିଲ୍ଲାରେ ୩୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୩୪. ଢେଙ୍କାନାଳ ଜିଲ୍ଲାରେ ୮୦, ଗଜପତି ଜିଲ୍ଲାରେ ୧୪, ଗଂଜାମ ଜିଲ୍ଲାରେ ୪୪, ଜଗତସିଂହପୁର ଜିଲ୍ଲାରେ ୯୭, ଯାଜପୁର ଜିଲ୍ଲାରେ ୧୫୬ . ଝାରସୁଗୁଡା ଜିଲ୍ଲାରେ ୯୫, କଳାହାଣ୍ଡି ଜିଲ୍ଲାରେ ୯୩ . କନ୍ଧମାଳ ଜିଲ୍ଲାରେ ୭୮, କେନ୍ଦ୍ରାପଡା ଜିଲ୍ଲାରେ ୧୪୩ ,କେନ୍ଦୁଝର ଜିଲ୍ଲାରେ ୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୯ ଜଣ, ମାଲକାନଗିରି ଜିଲ୍ଲାରେ ୨୨ , ମୟୁରଭଂଜ ଜିଲ୍ଲାରେ ୧୩୩ ନବରଙ୍ଗପୁରରେ ୯୮, ନୟାଗଡ ଜିଲ୍ଲାରେ ୪୩, ନୂଆପଡା ଜିଲ୍ଲାରେ ୧୧୬ ପୁରୀ ଜିଲ୍ଲାରେ ୩୧୦, ରାୟଗଡା ଜିଲ୍ଲାରେ ୧୩୬, ସମ୍ବଲପୁର ଜିଲ୍ଲାରେ ୧୩୦ ,ସୋନପୁର ଜିଲ୍ଲାରେ ୭୪ ତଥା ସୁନ୍ଦରଗଡ ଜିଲ୍ଲାରେ ୧୯୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।




## ଭୁବନେଶ୍ୱରରୁ ଆଉ ୩୫୧ ପଜିଟିଭ୍

ଭୁବନେଶ୍ୱର,୧୪ ସେପ୍ଟେମ୍ବର – ଭୁବନେଶ୍ୱର ସହରରୁ ସୋମବାର ୩୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ମଧ୍ୟରୁ ୧୧୩ଟି କ୍ୱାରାଂଟାଇନ୍ ମାମଲା ଥିବାବେଳେ ୨୩୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ସେହିପରି ଭୁବନେଶ୍ୱରରେ ୪୭୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଦୁଇଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ କରି ଏହି ସୂଚନା ଦିଆଯାଇଛି । ନୂଆ ମାମଲାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୬,୫୯୧ ଛୁଇଁଛି । ଏହା ମଧ୍ୟରୁ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୪୬୧୩ ରହିଛି । ଏହା ସହିତ ଭୁବନେଶ୍ୱରରେ ମୋଟ ସୁସ୍ଥସଂଖ୍ୟା ୧୧,୯୦୧ ରେ ପହଂଚିଥିବାବେଳେ ମୃତ୍ୟୁସଂଖ୍ୟା ୬୪ ଛୁଇଁଛି ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ପଟିଆରୁ ସର୍ବାଧିକ ୫ ଜଣ, ଜିଜିପି କଲୋନୀ , ଝାରପଡା ମହାଦେବ ନଗରରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଝାରପଡାରୁ ୧୦, ପଳାଶପଲ୍ଲୀ ଓ ବରମୁଣ୍ଡାରୁ ୬ ଜଣ ଲେଖାଏଁ ରହିଛନ୍ତି ।ସେହିପରି ନିଳାଦ୍ରିବିହାରରୁ ସର୍ବାଧିକ ୧୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ୨୪ ଘଂଟାରେ ସୁସ୍ଥ ହେଲେ ୩୩୮୨ ଆକ୍ରାନ୍ତ

ଭୁବନେଶ୍ୱର,୧୪।୯ (ନି.ପ୍ର): ରାଜ୍ୟରେ ସୋମବାର ଦିନ ଆଉ ୩୩୮୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ସହିତ ରାଜ୍ୟରେ ସୁସ୍ଥଙ୍କ ସଂଖ୍ୟା ୧ ଲକ୍ଷ ୨୨ ହଜାର ୦୨୪ କୁ ବୃଦ୍ଧି ପାଇଛି ।
ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଜାରି ତଥ୍ୟ ଅନୁସାରେ ସୁସ୍ଥ ହୋଇଥିବା ୩୩୮୨ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୦୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକରୁ ୩୪୪ ଜଣ, ବରଗଡ଼ରୁ ୨୬୨ ଜଣ ଓ ଯାଜପୁରରୁ ୧୭୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ମୟୁରଭଞ୍ଜରେ ୧୭୫ ଜଣ,ଭଦ୍ରକର ୧୬୭ ଜଣ, ବାଲେଶ୍ୱର ୧୫୬, ଢେଙ୍କାନାଳ ୧୪୬,ପୁରୀ ୧୧୨, ଜଗତସିଂହପୁରର ୧୦୨ ଓ ରାୟଗଡ଼ାର ୯୫ ଜଣ ସୁସ୍ଥ ହୋଇଛନ୍ତି ।
ସେହିପରି ଗଞ୍ଜାମ ଓ ସମ୍ବଲପୁରରୁ ୯୪ ଲେଖାଏଁ, ଅନୁଗୁଳରୁ ୯୧, ନୟାଗଡ଼ ଓ ସୋନପୁରରୁ ୯୦ ଲେଖାଏଁ, ବଲାଙ୍ଗୀରରୁ ୮୦, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ୭୦ ଲେଖାଏଁ, ଝାରସୁଗୁଡ଼ାରୁ ୬୮, କେନ୍ଦ୍ରାପଡ଼ା ଓ କୋରାପୁଟରୁ ୬୪ ଲେଖାଏଁ, କେନ୍ଦୁଝରରୁ ୫୧, କନ୍ଧମାଳରୁ ୪୫, ନୂଆପଡ଼ାରୁ ୪୦, କଳାହାଣ୍ଡିରୁ ୩୯ ଓ ଗଜପତିରୁ ୨୯, ବୌଦ୍ଧରୁ ୨୭, ମାଲକାନଗିରିରୁ ୨୫ ଓ ଦେବଗଡ଼ରୁ ୧୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ଜାତୀୟ ସେବା ଯୋଜନା ସମ୍ମାନ ପାଇବେ ଓଡ଼ିଶାର ଦୁଇ ସ୍ୱେଚ୍ଛାସେବୀ

ବାରିପଦା ,୧୪।୯ (ନି.ପ୍ର): ଚଳିତ ବର୍ଷ ଜାତୀୟ ସେବା ଯୋଜନାରେ ସମ୍ମାନିତ ହେବା ପାଇଁ ଓଡ଼ିଶାର ଦୁଇ ସ୍ୱେଚ୍ଛାସେବୀ ମନୋନୀତ ହୋଇଛନ୍ତି । ଏହି ସ୍ୱେଚ୍ଛାସେବୀ ଦୁଇ ଜଣ ହେଲେ ବାରିପଦା ସ୍ଥିତ ଉତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏମ୍.ପି.ସି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଦିବ୍ୟାନୀ ବେହେରା ଓ ସୀମାନ୍ତ ମହାବିଦ୍ୟାଳୟର ପ୍ରଭନ ମଣ୍ଡଳ । ସର୍ବଭାରତୀୟ ସ୍ତରରେ ପ୍ରତିବର୍ଷ ଜାତୀୟ ସେବା ଯୋଜନାରେ ଉତ୍କର୍ଷ କାର୍ଯ୍ୟ ପାଇଁ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ସମଗ୍ର ଦେଶରେ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଥିବା ସର୍ବଶ୍ରେଷ୍ଠ ୩୦ଜଣ ସ୍ୱେଚ୍ଛାସେବୀ ମାନଙ୍କୁ ରାଷ୍ଟ୍ରପତି ଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆୟୋଜିତ ସେପ୍ଟେମ୍ବର ୨୪ ତାରିଖ ତଥା ଜାତୀୟ ସେବା ଯୋଜନା ଦିବସରେ ସମ୍ମାନିତ କରିଥାନ୍ତି । ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଚଳିତ ବର୍ଷ ଓଡ଼ିଶାର ୨ ସ୍ୱେଚ୍ଛାସେବୀ ଭୁବନେଶ୍ୱର ସ୍ଥିତ ଏନଏସଏସ କାର୍ଯ୍ୟାଳୟରେ ଭରଚୁଆଲ ମାଧ୍ୟମରେ ଜାତୀୟ ସେବା ଯୋଜନା ସମ୍ମାନରେ ସମ୍ମାନିତ ହେବେ । ଏନେଇ ରବିବାର ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସମ୍ମାନିତ ହେବାକୁ ଥିବା ସ୍ୱେଚ୍ଛାସେବୀ ମାନଙ୍କ ନାମ ଘୋଷଣା କରାଯାଇଛି । ପଲ୍ଲୀରୁ ଦିଲ୍ଲୀ ସ୍ୱପ୍ନ ପରି ଲାଗୁଥିଲେ ମଧ ଏହାକୁ ସଫଳ କରି ଦେଖାଇ ପାରିଛନ୍ତି ଆଦିବାସୀ ଅଧ୍ୟୁଷିତ ମୟୂରଭ ଜିଲ୍ଲାର ଦୁଇ ସ୍ୱେଚ୍ଛାସେବୀ । ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଭାରତ ସରକାରଙ୍କ କ୍ରୀଡ଼ା ଏବଂ ଯୁବବ୍ୟାପାରର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏଭଳି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରସଂଶାର ସୁଅ ଛୁଟି ଚାଲିଥିବା ବେଳେ ସ୍ୱେଚ୍ଛାସେବୀ ମାନେ ଗୌରବନିତ ହୋଇଛନ୍ତି । ସ୍ୱେଚ୍ଛାସେବୀଙ୍କ ସଫଳତା ପଛରେ ଥିବା ରାଜ୍ୟ ସରକାରଙ୍କ ଡେପୁଟି ସେକ୍ରେଟାରୀ ତଥା ରାଜ୍ୟ ଏନଏସଏସ ଅଧିକାରୀ ଡ଼ଃ ସୁରେଖା ସୁନ୍ଦରୀ ସ୍ୱାଇଁ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ ଚାନ୍ଦ, କୁଳସଚିବ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଏନ.ଏସ.ଏସ ସଂଯୋଜିକା ଉଷା ଶତପଥୀ, ଡିପିଓ ଡ଼ଃ ଶୁଭେନ୍ଦୁ କୁମାର ଦାସଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଦେବେଶ ଶଙ୍କର ହୋତା, ଡ଼ଃ କୈଳାସ ଚନ୍ଦ୍ର ମିଶ୍ର, ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ତରୁଣ କୁମାର ଓଝା, ବାପା-ମା ଓ ସାଙ୍ଗସାଥିଙ୍କର ସହଯୋଗ ପାଇଁ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ପୂର୍ବରୁ ଗତ ୫ବର୍ଷରେ ଲଗାତାର ଉତର ଓଡିଶା ବିଶ୍ୱବିଦ୍ୟାଳୟର ୬ ଜଣ ସ୍ୱେଚ୍ଛାସେବୀ ଓ ୨ ଜଣ କାର୍ଯ୍ୟକ୍ରମ ଅଧିକାରୀ ଏହି ପୁରସ୍କାରରେ ପୁରସ୍କୃତ ହୋଇଥିବା ସହ ସେବା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ଗର୍ବ ମଧ ହାସଲ କରିସାରିଛି ।



## ନିର୍ମାଣାଧିନ ରେଳ ଓଭରବ୍ରିଜ୍‌ର ଡାଇଭର୍ସନ ରୋଡ : ୨ ଘଣ୍ଟା ଧରି ଗମନା ଗମନ ଠପ୍

ଜଳେଶ୍ୱର, ୧୪/୯ (ନି.ପ୍ର) : ଜଳେଶ୍ୱର ବଜାରେ ଦେଇ ଯାଇଥିବା ୫୭ ରାଜ୍ୟ ରାଜପଥର ନୂଆବଜାର ଠାରେ ଏକ ରେଳ ଓଭର ବ୍ରିଜ୍ ନିର୍ମାଣ ହେଉଥିବାରୁ ଏହାର ଡାଇଭରସ୍‌ନ ରୋଡ ସଂପୂର୍ଣ୍ଣ ହୋଇନାହିଁ । ବିଶେଷ କରି ରେଳ ଲେଭେଲ କ୍ରସିଂର ପଶ୍ଚିମପଟେ ଥିବା ବଡବଜାରର ପାଳସାହି ଛକଠାରୁ ଦେବୀ ପେଟ୍ରୋଲ ଫିଲିଂ ଷ୍ଟେସନ ପର୍ଯ୍ୟନ୍ତ ଏକ ସ୍ଥାୟୀ ଡାଇଭରସନ ହେବା କଥା । କାରଣ ଓଭରବ୍ରିଜ୍ ନିର୍ମାଣ ପରେ ଏହି ରାସ୍ତାରେ ଅନ୍ୟ ଯାନବାହନ ଗୁଡିକ ଯାତାୟାତ କରିବ । କିନ୍ତୁ ଭୌଗଳିକ ସ୍ଥିତି ଯୋଗୁଁ ତାହା ସଂପୂର୍ଣ୍ଣ ନିର୍ମାଣ ସରିନାହିଁ । ଅସ୍ଥାୟୀଭାବେ ନିର୍ମାଣ ହୋଇଥିବା ଏହି ରାସ୍ତାକୁ ବ୍ଲକା ଟେପିଂ ହେବା କଥା । ୨୦୧୮ ମସିହାରୁ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହି ବ୍ଲକା ଟେପିଂ କାର୍ଯ୍ୟ ନିର୍ମାଣ ହୋଇନାହିଁ । ଫଳରେ ରାସ୍ତାରେ ପାଣି ଜମିବା, ରାସ୍ତା କାଦୁଅ ହେବା ଲକ୍ଷ କରାଯାଉଛି । ଅଳ୍ପଦିନ ପୂର୍ବରୁ କଂଗ୍ରେସ ଦଳ ପକ୍ଷରୁ ସେଠାରେ ଆନ୍ଦୋଳନ ହୋଇଥିବା ବେଳେ ନିର୍ମାଣ ପ୍ରତିଶୃତି ଦିଆଯାଇଥିଲା । କିନ୍ତୁ ପରେ ସେଠାରେ କେବଳ ଗ ର୍ତ୍ତ ହୋଇଥିବା ସ୍ଥାନରେ ରାବିସ୍ ଓ ମେଟାଲ ପକାଯାଇ ଥିଲା । ପରେ ବର୍ଷା ହେବାରୁ ତାହାପୁଣି ଗ ର୍ତ୍ତ ସୃଷ୍ଟି ହୋଇଛି । ଆଜି ସାପ୍ତାହିକ ହାଟ ସୋମବାର ଥିବାରୁ ଅଧିକ ଜନଗହଳି ଯୋଗୁଁ ଏହି ଅଣ ଓସାରି ଆରସ୍ତାରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଫଳରେ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଯାନବାହାନ ଓ ଲୋକମାନଙ୍କୁ ଉଭୟ ପାର୍ଶ୍ୱରେ ଅଟକିବାକୁ ପଡିଥିଲା । ଶେଷରେ ପୁଲିସ୍ ଆସି ସମସ୍ୟାର ସମାଧାନ କରିଥିଲେ । ଏ ସଂପର୍କରେ ସହକାରୀ ଯନ୍ତ୍ରୀ ନିହାରକାନ୍ତି ବେହେରାଙ୍କୁ ପଚାରିବାରୁ ସେ କହିଲେ ଆଜି ସାପ୍ତାହିକ ହାଟ ଥିବାରୁ ଏବଂ କିଛି ସମୟଧରି ବର୍ଷା ଲାଗି ରହିବାରୁ ଆଇସିଆସିଆ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଭିଡ ଯୋଗୁଁ ରାସ୍ତାରେ ଗମନାଗମନ ସମ୍ଭବ ହୋଇପାରିନଥିଲା । ପୁଲିସ୍ ସହାୟତାରେ ସେ ନିଜେ ରହି ସମାଧାନ କରିଥିଲେ । ଓଭର ବ୍ରିଜ୍‌ର ପିଲାର କାର୍ଯ୍ୟ ଶେଷ ହୋଇଗଲେ ଏଭଳି ପରିସ୍ଥିତି ରହିବ ନାହିଁ ବୋଲି ସେ କହିଛନ୍ତି ।

## ୬ଦଫା ଦାବିରେ ଅଂଗନୱାଡି ସଂଘ ପକ୍ଷରୁ ସିଡିପିଓଙ୍କୁ ଦାବିପତ୍ର

ଜଳେଶ୍ୱର, ୧୪/୯ (ନି.ପ୍ର) : ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ, ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ଆଜି ୬ ଦଫା ଦାବିରେ ଜଳେଶ୍ୱର ସିଡିପିଓ ଦିପ୍ତୀମୟୀ ପୋଥାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଂଗନୱାଡିକୁ ଯୋଗାଇ ଦିଆଯାଉଥିବା ସରଞ୍ଜାମ ନିମ୍ନ ମାନର ଓ ତାହା କେନ୍ଦ୍ର ଗୁଡିକରେ ଦେବର ନିୟମ ଥିଲେ ମଧ୍ୟ ବ୍ଲକୁ ଆସି ନେବାକୁ ବାଧ୍ୟ କରାଯାଉଛି । ଛତୁଆ ଓ ବାଦମ ଗୁଡ ଲଡ୍ଡୁ ଯୋଗାଣ କରୁଥିବା ସଂସ୍ଥା ମଧ୍ୟ ନିମ୍ନ ମାନର ବୋଲି ଅଭିଯୋଗ କରିଛନ୍ତି । ଏହା ନିର୍ଦ୍ଧାରିତ ସମୟରେ ଦେବାକୁ ଦାବି କରିଛନ୍ତି । ଚାଉଳ ଯୋଗାଇ ଦିଆଯାଉଥିବା ସଂସ୍ଥା କେନ୍ଦ୍ର ଗୁଡିକୁ ନିର୍ଦ୍ଦିଷ୍ଟ ସମୟରେ ଯୋଗାଉନାହାନ୍ତି । ଫଳରେ ହଟ୍‌କୁକ୍, ଏସ୍‌ଏନ୍‌ପି ଓ ଟିଏଚ୍‌ଆର୍ ଯୋଗାଣରେ କର୍ମୀ ଅସୁବିଧାର ସମ୍ମୁଖୀନ ହେଉଛି । ମ୍ୟୁନିସିପାଲଟି ଅଂଚଳରେ କେନ୍ଦ୍ର ଗୁଡିକର ପୁନଃର୍ଗଠନ ଓ ସୀମା ନିର୍ଦ୍ଧାରଣ କରାଯାଉ । ନୂତନ ଅଂଗନୱାଡି କର୍ମୀ ଓ ସହାୟିକ ନିଯୁକ୍ତି କରାଯାଉ । ମିନି ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ସାଧାରଣ ଅଙ୍ଗନୱାଡି କେନ୍ଦ୍ରର ମାନ୍ୟତା ଦିଆଯିବା ସଂପର୍କରେ ଲିଖିତଭାବେ ଆଜି ସିଡିପିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ସଭାପତି ଲକ୍ଷ୍ମିପ୍ରିୟା ଦାସ, ସଂପାଦିକା କଳ୍ପନା ଦେ, ମମତା ଦାସ ମହାପାତ୍ର, ସୁଜାତା ବାରିକ, ଉପଦେଷ୍ଟା କମଳ ଚକ୍ରବ ୍ତୀ, ମନୋରଂଜନ ଦାସ ଓ ଶ୍ରୀନିବାସ ଦାସ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୯,୩୯୩ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର, ୧୪ ସେପ୍ଟେମ୍ବର - ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୯ ହଜାର ୩୯୩ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୦,୫୧୪ ଆରଟିପିସିଆରରେ ୮,୭୨୮ ଓ ଟ୍ରୁନଟ୍‌ରେ ୧୫୧ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୪୭୨୫୧୭ ନମୁନାର ପରୀକ୍ଷା କରା ଯାଇଛି ।

## ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର କୃଷି ଇନ୍‌ପୁଟ୍ ସବସିଡ୍ ୩ଗୁଣା ବୃଦ୍ଧି ପାଇଁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୧୪।୯ (ନି.ପ୍ର): ସରକାରଙ୍କ ପ୍ରଚଳିତ ରିଲିଫ୍ କୋର୍ଡ଼ ଓ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରେ କୃଷି ଇନ୍‌ପୁଟ୍ ବାବଦରେ ଦିଆଯାଉଥିବା ସବ୍‌ସିଡ୍ ଚାଷୀର କ୍ଷତି ଭରଣାରେ ସମ୍ଭବ ନୁହେଁ । ଚଳିତବର୍ଷ ବନ୍ୟାଯୋଗୁଁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଯେଉଁ ସହାୟତା ଘୋଷଣା କରାଯାଇଛି ତାହା ସମୁଦ୍ରକୁ ସଙ୍ଖେ ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚଳିତ ନିୟମକୁ ପରିବର୍ତ୍ତନ କରି ପ୍ରତି ଏକର ପିଛା କୃଷି ଇନପୁଟ୍ ସବସିଡ୍ ୩ ଗୁଣା ବୃଦ୍ଧି କରିବା, ବନ୍ୟା ଯୋଗୁଁ ୩୩ ପ୍ରତିଶତ ଫସଲ କ୍ଷତିହୋଇଥିଲେ ସମସ୍ତ ଚାଷୀଙ୍କୁ ଏହି ସହାୟତାରେ ଅନ୍ତର୍ଭୁକ୍ତ କରିବା, ପ୍ରଚଳିତ ରିଲିଫ୍ କୋର୍ଡ଼ର ସଂଶୋଧନ, ଭୂସଂସ୍କାର ଆଇନର ସଂଶୋଧନ କରି ଭାଗଚାଷୀମାନଙ୍କ ପାଇଁ ସହାୟତା ପାଇବାର ଅଧିକାର, ଶତକଡ଼ା ୯୦ ପ୍ରତିଶତ ସବସିଡ୍‌ରେ ଚାଷୀଙ୍କୁ ପମ୍ପସେଟ୍ ଯୋଗାଣ, ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ଆଶୁ କାର୍ଯ୍ୟକାରୀ, ରବି ଚାଷ ପାଇଁ ନିର୍ଦ୍ଧାରିତ ସମୟରେ ମାଗଣାରେ ସଅଳ କିସମ ପ୍ରାମାଣିକ ଧାନ ଓ ଅନ୍ୟାନ୍ୟ ବିହନ ଯୋଗାଣ, ଖରିଫ୍ ଋଣ ସମ୍ପୂର୍ଣ୍ଣ ଛାଡ଼ ଓ ରବି ଚାଷ ପାଇଁ ବିନା ସୁଧରେ କୃଷିଋଣ ଯୋଗାଣ, ମନରେଗାରେ କୃଷି କ୍ଷେତ୍ର ପାଇଁ ସର୍ବାଧିକ ଗୁରୁତ୍ୱ, ଫସଲ ବୀମାଭୁକ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ସହାୟତା, ଏହି ସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କୃଷି, ଉଦ୍ୟାନ ଓ ସମବାୟ, ମତ୍ସ୍ୟ ଓ ପଶୁପାଳନ, ଜଳସେଚନ ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ଅଧିକାରୀ ଓ କ୍ଷେତ୍ରକର୍ମଚାରୀମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବାକୁ ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ଦାବୀ କରିଛନ୍ତି ।

## ତହସିଲ ଆଗରେ ଓଡିଶା କୃଷକ ସଭା ପକ୍ଷରୁ ବିକ୍ଷୋଭ

ଜଳେଶ୍ୱର, ୧୪/୯ (ନି.ପ୍ର) : ସର୍ବଭାରତୀୟ କୃଷକ ସର୍ଘସ ସମିତି ଡାକରାରେ ଓଡିଶା କ୍ୟଷକ ସଭା ପକ୍ଷରୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କରୋନା ଆଇନ୍‌ରେ ରାମାଜିକ ଦୂରତା ।କ୍ଷା କରି ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । କୃଷି ଓ କୃଷକ ବିରୋଧି ଅଧ୍ୟାଦେଶ ବାତିଲ କରିବା, ନୂତନା ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୦ ପ୍ରତ୍ୟାକ୍ଷାନ କରିବା, ଡିଜେଲ ମୂଲ୍ୟ ବୃଦ୍ଧିକୁ ପ୍ରତ୍ୟାକ୍ଷାତ କରିବା, ପରିବେଶଗତ ପ୍ରଭାବ ଆକଳନ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା, ମୁକ୍ତ ବାଣଜ୍ୟଚୁକ୍ତିକୁ ବାତିଲ କରିବା, ସମସ୍ୟ ରାଜନେଅତିକ ବ୍ୟକ୍ତିଙ୍କୁ ଖୋଲାସ କରିବା, ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବନ୍ଦ କରିବା, ଆୟ ନ ଥିବା ପ୍ରତ୍ୟେକ ପରିବାରକୁ ୭୫୦୦ ଟଙ୍କା ଲେଖାଏଁ ୬ମାସ ଦେବା, ବନ୍ୟାଞ୍ଚଳର ସମସ୍ତ କ୍ଷତିଗ୍ରସ୍ତଙ୍କୁ ୨ହଜାର ଓ ୧କ୍ୟୁଣ୍ଟାଲ ଚାଉଳ, ଦେବା । ଚାଷୀଙ୍କୁ ପର୍ଯ୍ୟନ୍ତ ସାର ଯୋଗାଇବା ଓ ସମସ୍ତଙ୍କୁ ମାଗଣ ସ୍ୱାସ୍ଥ୍ୟସେବାର ଯୋଗାଇବା ସହିତ କୋଭିଦ୍-୧୯ର ପରୀକ୍ଷା ସମସ୍ତଙ୍କୁ କରିବା ଦାବିରେ ଜଳେଶ୍ୱର ତହସିଲ ସମ୍ମୁଖରେ ବିକ୍ଷୋଭ ହୋଇଥିଲା । ଏଥିରେ ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ପଲ୍ଲୁ ଦାସ, ରବିନ୍ଦ୍ର ବାରିକ, ସେକ୍ ଅବଦୁଲ ସାଦିକ, ଗଣେଶ ଭୂୟାଁ, ଜତିନ ଜେନା, ଜୀବନ ପରିଡା, ସିଲିମନ ବିବି, ରାଜୁ ଟୁଡୁ, ବଂଶିଧର ଦାସ ଓ କାହ୍ନୁ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo